## ସଂକ୍ଷେପରେ

### ଜଳିଗଲା ୪ ବଖରା



ବେଗୁନିଆ,୬।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ବଖରା ପୋଡ଼ିପାଉଁଶ ହୋଇଯାଇଛି। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଜାମୁସାହି ଗ୍ରାମର ପ୍ରମିଳା ପରିଡ଼ାଙ୍କ ୨ ବଖରା, ଜାନକୀ ପରିଡ଼ାଙ୍କ ୧ ବଖରା ଘର ସହ ୧ ବଖରା ଗୁହାଳ ଜଳିଯାଇଛି। ଏଥିସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଅଗ୍ନି ବିପନ୍ନ ପରିବାରକୁ ପ୍ରଶାସନିକ ସ୍ତରରୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ବେଗୁନିଆ ତହସିଲଦାର ତାପସ ବିଶି କହିଛନ୍ତି, ଅଗ୍ନିବିପନ୍ନ ପରିବାରଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ପଲିଥିନ ଯୋଗାଇ ଦିଆଯାଇଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

ସାଲେପୁର,୬।୮ (ଅରବିନ୍ଦ ଭୂୟାଁ)

ତୃତୀୟ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ବ୍ଲକ ଅଞ୍ଚଳର ସେକ୍ ମୋତିମ(୨୦)। ଏହି ଅଞ୍ଚଳର ଜଣେ ନାବାଳିକା ମଙ୍ଗଳବାର ଏକୁଟିଆ କ୍ଷୀର ନେଇ ଘରକୁ ଫେରୁଥିଲେ । ସେକ୍ ତାଙ୍କୁ ଏକୁଟିଆ ପାଇ ନିକଟରେ ଥିବା ସ୍କୁଲ ପଛପଟ ବୁଦାମୂଳକୁ ଟେକିନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଜଣକ ଚିତ୍କାର କରିବାରୁ ସେକ୍ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଏକ ମାମଲ ରୁଜୁ କରି ଗୁଆଳିପୁର ଗ୍ରାମରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ଡାକ୍ତରଖାନାରୁ ଅଭିଯୁକ୍ତ ଚମ୍ପଟ

ସାଲେପୁର,୬।୮ (ଅରବିନ୍ଦ ଭୂୟାଁ)

ପୋଲିସକୁ ଚକ୍‌ମା ଦେଇ ଜଣେ ଗିରଫ ଅଭିଯୁକ୍ତ ମଙ୍ଗଳବାର ଡାକ୍ତରଖାନାରୁ ଚମ୍ପଟ ମାରିଛନ୍ତି। ଏହି ଘଟଣା ସାଲେପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସଠାରୁ ତାଙ୍କ ପରିଚୟ ମିଳିପାରିନାହିଁ। ଏହି ଥାନା ଅନ୍ତର୍ଗତ ନଗସରପୁର ଅଞ୍ଚଳରେ ଏକ ଅପହରଣ ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ଡାକ୍ତରୀ ପରୀକ୍ଷା କରାଇବା ପାଇଁ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ ଖସିଯାଇଛନ୍ତି। ଏହାପରେ ପୋଲିସ ତାଙ୍କୁ ବିଭିନ୍ନ ସ୍ଥାନରେ ସନ୍ଧାନ କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ପତ୍ତା ମିଳି ନ ଥିଲା।

# ଅଟୋ ସଂଘର ଚକାବନ୍ଦ ଆନ୍ଦୋଳନ

ଭୁବନେଶ୍ୱର,୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ମାର୍ଟସିଟି ଅନଲାଇନ୍ ଅଟୋ ଗ୍ରୁପ୍ ମଙ୍ଗଳବାରଠାରୁ ଚକାବନ୍ଦ ଆନ୍ଦୋଳନ ଡାକରା ଦେଇ ରାସ୍ତାକୁ ଓହ୍ଲାଇଛି। ଫଳରେ ରାଜଧାନୀରେ ଅଟୋ ଚଳାଚଳ ବନ୍ଦ ରହିଛି। ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ, ରସୁଲଗଡ଼, କଳ୍ପନା ଛକ ଭଳି ଅନେକ ଜାଗାରେ ଅଟୋ ଗଡ଼ି ନ ଥିଲା। ଯାତ୍ରୀଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଅଟୋ ଗ୍ରୁପ୍ ବିଭିନ୍ନ ଦାବି ନେଇ ଓଡ଼ିଶା ପରିବହନ ବିଭାଗକୁ ଅବଗତ କରାଇଥିବାବେଳେ ସେସବୁ ପୂରଣ ନ ହେବାରୁ ଏହି ବନ୍ଦ ଡ଼ାକରା ଦିଆଯାଇଥିବା ସୂଚନା ମିଳିଛି। ଗ୍ରୁପ୍ ଅଧ୍ୟକ୍ଷ ଦୀନବନ୍ଧୁ ନାୟକଙ୍କ ସୂଚନାନୁସାରେ, ଘରୋଇ ନମ୍ବର ପ୍ଲେଟ ସହ ଓଲା, ରାପିଡୋ ଏବଂ ଉବେରର ଦୁଇଚକିଆ



କଳ୍ପନା ଛକରେ ଅଟୋଚାଳକଙ୍କ ଆନ୍ଦୋଳନ।

ଯାନ ଯାତାୟାତ କରୁଛି। ତେବେ ମାତ୍ରାଧିକ ସଂଖ୍ୟାରେ ଏହି ଯାନ ଚଳାଚଳ ଦ୍ୱାରା ଅଟୋ ଚାଳକଙ୍କ ରୋଜଗାର ପ୍ରଭାବିତ ହେଉଛି। ତେଣୁ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛୁ। ବିଦେଶୀ ହଟାଇ ସ୍ୱଦେଶୀ ଆପଣାଇବାକୁ ସେ ଦାବି କରିଛନ୍ତି। ସେହିପରି ରସୁଲଗଡ଼ ଅଟୋ ଗ୍ରୁପ୍‌ର ସଭାପତି ଅନିଲ କୁମାର ପାତ୍ର କହିଛନ୍ତି, ପ୍ରାଇଭେଟ ବାଇକ ବନ୍ଦ କରିବା ନେଇ ଆମେ ରାସ୍ତାକୁ ଓହ୍ଲାଇଛୁ। ଆମେ ଋଣ ନେଇ ଅଟୋ କିଣିଥିବାବେଳେ ମାସକୁ ୫ରୁ ୭ହଜାର ଟଙ୍କା କିସ୍ତି ଶୁଝିବାକୁ ପଡୁଛି। ଏଥିସହିତ ମାସକୁ ୧୦ହଜାର ଟଙ୍କାର ତେଲ ପଡୁଛି। ହେଲେ ପ୍ରତ୍ୟେକ ଦିନ ୫୦୦ରୁ ୬୦୦ ଟଙ୍କା ରୋଜଗାର ହେଉଛି। ଅନ୍ୟପକ୍ଷେ ଆମ ସାମ୍ନାରେ ଦୁଇଚକିଆ ଯାନ ଅଧିକ ଯାତାୟାତ କରି ଲାଭ ଉଠାଉଛନ୍ତି। ପରିବହନ ବିଭାଗକୁ ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ଯେ ପର୍ଯ୍ୟନ୍ତ ଆମ ସମସ୍ୟାର ସମାଧାନ ହୋଇନାହିଁ ସେ ଯାଏ ଅଟୋ ଚାଳନା ବନ୍ଦ ରହିବ ବୋଲି ସେ କହିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ମଧ୍ୟ ପାତ୍ର ଆଶା ପ୍ରକାଶ କରିଛନ୍ତି।



ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ପକ୍ଷରୁ ଶହୀଦନଗରସ୍ଥିତ ଓପିଟିସିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। (ଫଟୋ- ମନୋରଞ୍ଜନ ମିଶ୍ର)

### ଆଜିଠୁ ମିୟାୱାକି ପଦ୍ଧତିରେ ଗଛ ଲଗାଇବ ବିଏମ୍‌ସି

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

'ମା' ପାଇଁ ଗଛଟିଏ' ଅଭିଯାନରେ ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହରରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ନଗର ବନଖଣ୍ଡ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ବୁଧବାର ଠାରୁ ମିୟାୱାକି ପଦ୍ଧତିରେ 'ନଗର ବନ' ବା 'ମିୟାୱାକି ଜଙ୍ଗଲ' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ସକାଳ ୮ଟାରେ ପାତ୍ରପଡ଼ା ରଜ ପଡ଼ିଆଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ମହାନଗର ନିଗମ ଅଞ୍ଚଳରେ ଏବେସୁଦ୍ଧା ଚିହ୍ନଟ ହୋଇଥିବା ୧୩ଟି ସ୍ଥାନରେ ଏପରି ମିୟାୱାକି ଜଙ୍ଗଲ ସୃଷ୍ଟି କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଶ୍ୱ ତାପମାନ ସହ ଭୁବନେଶ୍ୱର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ହ୍ରାସ କରିବା ସହ ଏକ ସବୁଜ ସୁନ୍ଦର ସହର ଗଠନ କରିବା ପାଇଁ ବୃକ୍ଷରୋପଣ କରିବା ଏବେ ଜରୁରୀ ହୋଇପଡ଼ିଛି। 'ସବୁଜ ଭୁବନେଶ୍ୱର ଅଭିଯାନ'କୁ ସାକାର କରିବା ପାଇଁ ବିଏମ୍‌ସି 'ଆହ୍ୱାନ ବୃକ୍ଷରୋପଣର' ଡାକରା ଦେଇଛି। ଏହି କ୍ରମରେ ସହରରେ ମୋଟ୍ ୧ଲକ୍ଷ ଚାରାରୋପଣ ସହ ୧୩ଟି ସ୍ଥାନରେ ମିୟାୱାକି ପଦ୍ଧତିରେ ନଗର ବନ ସୃଷ୍ଟି କରିବାକୁ ଯୋଜନା କରାଯାଇଛି।




ୱାର୍ଡ ନଂ. ୫୭ର କର୍ପୋରେଟର ସନ୍ତୋଷ କୁମାର ସିଂହଙ୍କ ତତ୍ତ୍ୱାବଧାନ ଏବଂ ଗ୍ରୀନ ୱାଲ୍ଡ ସହଯୋଗରେ ବଡ଼ଗଡ଼ ବ୍ରିଟ୍ କଲୋନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ।

## ଲୁଟ୍ ମୋବାଇଲ ବିକ୍ରି ବେଳେ ଯୁବକ ଗିରଫ

ଭୁବନେଶ୍ୱର,୬।୮ (ସତ୍ୟଜିତ୍ ରାଉତ)

**୮ ମୋବାଇଲ ଜବତ**

ଲୁଟ୍ ତଥା ଚୋରା ମୋବାଇଲ ଫୋନ୍‌କୁ ବିକ୍ରି କରିବାବେଳେ ଜଣେ ଯୁବକଙ୍କୁ ମଙ୍ଗଳବାର ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ ସତ୍ୟନଗରରେ ରହୁଥିବା ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳର ଶିବ ପ୍ରସାଦ ସାହୁ (୪୦)। ତାଙ୍କଠାରୁ ପୋଲିସ ୮ଟି ମୋବାଇଲ ଜବତ କରିଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୟୁନିଟ୍-୩ ଅଞ୍ଚଳର ଏକ ହୋଟେଲ ସମ୍ମୁଖରେ ମୋବାଇଲ ଫୋନଗୁଡ଼ିକୁ କମ୍ ଦାମ୍‌ରେ ବିକ୍ରି କରିବା ପାଇଁ ଶିବପ୍ରସାଦ ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଶିବପ୍ରସାଦ ଜଣେ ଅପରିଚିତ ଯୁବକଙ୍କ ନିକଟରୁ ଉକ୍ତ ମୋବାଇଲଗୁଡ଼ିକୁ କମ୍ ଦାମରେ କିଣିଥିବା ପୋଲିସକୁ କହିଛନ୍ତି। ଶିବପ୍ରସାଦଙ୍କ ନାମରେ ପୂର୍ବରୁ ଭୁବନେଶ୍ୱର ଜିଆର୍‌ପି ଥାନାରେ ଦୁଇଟି ଚୋରି ମାମଲା ରହିଥିବା ପୋଲିସ କହିଛି।

## ଇପିଏଫ୍ ପେନ୍‌ସନଧାରୀଙ୍କ ସର୍ବନିମ୍ନ ପେନ୍‌ସନ ବୃଦ୍ଧି କରାଯାଉ

ଭୁବନେଶ୍ୱର,୬।୮ (ବନ୍ଦନା ସେଠୀ)

**ଆନ୍ଦୋଳନକୁ ଓହ୍ଲାଇବ ଖୋର୍ଦ୍ଧା ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘ**

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା କମିଟିର କାର୍ଯ୍ୟନିର୍ବାହୀ ବୈଠକ ମଙ୍ଗଳବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅହେତୁକ ଅବହେଳାକୁ ନିନ୍ଦା କରାଯାଇଛି। ଏଥିସହ ସରକାର ତୁରନ୍ତ ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ଦାବି ପ୍ରତି ବିଚାର କରିବା ସହ ପଦକ୍ଷେପ ନ ନେଲେ, ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାର ଇପିଏଫ୍ ପେନସନଧାରୀ ବରିଷ୍ଠ ନାଗରିକମାନଙ୍କ ସର୍ବନିମ୍ନ ପେନ୍‌ସନ୍ ୧ ହଜାର ଟଙ୍କାରୁ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି ରଖିଥିଲେ। ଚଳିତ ବଜେଟରେ ମହଙ୍ଗା ଭତ୍ତା ପ୍ରଦାନ ଦାବି ନେଇ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ ସଭ୍ୟମାନେ ନିନ୍ଦା କରିଥିଲେ। ଏଥିସହ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ବର୍ଦ୍ଧିତ ପେନ୍‌ସନ ପ୍ରଦାନରେ ଓଡ଼ିଶାର ଇପିଏଫ୍ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଅହେତୁକ ବିଳମ୍ବ କରୁଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ଓଡ଼ିଶାରେ ଥିବା ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ୍ ପେନସନଧାରୀ ବରିଷ୍ଠ ନାଗରିକ ସ୍ୱଳ୍ପ ପେନ୍‌ସନ୍ ପାଉଛନ୍ତି। ଫଳରେ ବାର୍ଦ୍ଧକ୍ୟ ସମୟରେ ଉପଯୁକ୍ତ ଖାଦ୍ୟ ଓ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରିଥିବା ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଉପସଭାପତି ସରୋଜକାନ୍ତ ମଲ୍ଲିକ, ଯୁଗ୍ମସମ୍ପାଦକ ନବକିଶୋର ରଣା, ବିଜୟ ପଟ୍ଟନାୟକ, କୋଷାଧ୍ୟକ୍ଷ ବସନ୍ତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା




ବାର୍ଷିକ ସାଧାରଣ ଅଧିବେଶନରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୬।୮ (ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ନଗର ଉନ୍ନୟନ ପରିଷଦ ପକ୍ଷରୁ ଆସନ୍ତା ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ପରିଷଦର ସଭାପତି କୃପାସିନ୍ଧୁ ସାହୁ ବୈଠକରେ ସଭାପତିତ୍ୱ କରି ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ କୃପାସିନ୍ଧୁ ସାହୁ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଡ. ଜୟନ୍ତ କୁମାର ପରିଡ଼ା ଉପସଭାପତି, ଦିଲ୍ଲୀପ ଦାଶଶର୍ମା ସାଧାରଣ ସମ୍ପାଦକ ଓ ମହେଶ୍ୱର ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ନିମାଇଁ ଚରଣ ଦାସ, ରାମଚନ୍ଦ୍ର ସାମଲ, ଚିନ୍ତାମଣି ବାରିକ ଏବଂ ଶୀତଳ ଚନ୍ଦ୍ର ମହାନ୍ତି ଯୁଗ୍ମ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ଆସନ୍ତା ୨ବର୍ଷ ପାଇଁ ଭାଇଚାରା ଭିତ୍ତିରେ କିପରି କାମ କରିବେ ସେ ନେଇ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଶେଷରେ ଉପସଭାପତି ଡ. ଜୟନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରମାଦେବୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଉନ୍ନୟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଭୁବନେଶ୍ୱର,୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ 'ଓରିଏଣ୍ଟେଶନ ପ୍ରୋଗ୍ରାମ ଅନ୍ ପ୍ରମୋଟିଂ ୱେଲନେସ୍' ଶୀର୍ଷକ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଯାଇଛି। କାଉନ୍‌ସେଲିଂ ଓ ୱେଲ୍‌ନେସ ସେଣ୍ଟର୍, ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍, ଥିଓସଫିକାଲ ଅର୍ଡର ଅଫ୍ ସର୍ଭିସ୍ ଓ ମନମ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ କୁଳପତି ପ୍ରଫେସର ଚୌଧୁରୀ ଉନ୍ନତମାନର ଉଚ୍ଚଶିକ୍ଷା ନିମନ୍ତେ ଶିକ୍ଷକ ଏବଂ ଛାତ୍ର ସମାଜର ମାନସିକ ସ୍ୱାସ୍ଥ୍ୟ ସଂରକ୍ଷଣ ମୂଳ କଥା ବୋଲି ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ଏବଂ କୁଳସଚିବ ଶ୍ୟାମଳୀ ମହାପାତ୍ରଙ୍କ ସମେତ ସହଯୋଗୀ ଅନୁଷ୍ଠାନର ସମ୍ପାଦକ ଡ. କୃଷ୍ଣପ୍ରସାଦ ପାଢ଼ୀ ଓ ନିର୍ଦ୍ଦେଶିକା ଡ. ଅନୁରାଧା ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ସସ୍ମିତା ମହାନ୍ତି ସ୍ୱାଗତ ଅଭିଭାଷଣ ଏବଂ ଡ. ସାୟନ୍ତନୀ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଜବତ, ୨ ଅଟକ

**ପାଣି ପାଇପ୍ ଚୋରି କରୁଥିବା ବେଳେ ଧରିଲେ ଲୋକେ**

ବେଗୁନିଆ,୬।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମରୁ ପାଣି ପାଇପ୍ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଦୁଇ ଲୁଟେରା ଧରାପଡିଛନ୍ତି। ଏହି ଘଟଣାରେ ପୋଲିସ ଚୋରା ପାଇପ ବୋଝେଇ ଟ୍ରକକୁ ଜବତ କରିବା ସହ ସମ୍ପୃକ୍ତ ୨ ଲୁଟେରାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ସିମୋର ଗ୍ରାମକୁ ମେଗା ପାନୀୟଜଳ ଯୋଗାଣ ନିମନ୍ତେ ଦୀର୍ଘ ଦିନ ହେବ ପାଇପ ଗଚ୍ଛିତ ହୋଇ ଏଣେତେଣେ ପଡିରହିଛି। ଟାଙ୍ଗୀସାହି ନିକଟରେ ପଡିରହିଥିବା ପାଇପକୁ ସୋମବାର ରାତି ପ୍ରାୟ ୩ଟାରେ ଲୁଟେରାମାନେ ଚୋରି କରୁଥିଲେ। ଏକ ଟ୍ରକ୍ (ଏମଏଚ ୧୯ ସିୱାଇ ୯୭୭୫)ରେ ପାଇପଗୁଡ଼ିକୁ ବୋଝେଇ କରୁଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ହେଲେ ୩ରୁ ଅଧିକ ଲୁଟେରା ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିବା ସହ ଟ୍ରକକୁ ପୋଲିସ ଜିମା ଦେଇଥିଲେ।

## 'ସଙ୍ଗୀତାୟନ'ରେ ମନମୋହିଲା ଓଡ଼ିଶୀ ବୃନ୍ଦଗାୟନ




ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନାଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ରତିକ ପାତ୍ର ଓଡ଼ିଶୀ ଏକକ ଗାୟନ ପରିବେଷଣ କରିଥିଲେ। ପରେ ଜ୍ଞାନରଞ୍ଜନ ସାହୁଙ୍କ ନିର୍ଦ୍ଦେଶନା ଓ ପରିଚାଳନାରେ ଗୁରୁ ଭାରତୀ ଜେନା ଏବଂ ପ୍ରଦୀପ କୁମାର ଦାସ ଓଡ଼ିଶୀ ବୃନ୍ଦଗାୟନ ମଲ୍ଲୀମାଳ, ଶ୍ୟାମକୁ ଜୁହାର ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀ ଜୟପ୍ରକାଶ, ଶ୍ୟାମଳୀ ଲେଙ୍କା, ସୁନନ୍ଦା ଦାଶ, ଦେବାଶିଷ ଦଳାଇ, ସତ୍ୟବ୍ରତ ପାଢ଼ୀ, ଅଭୀଲିପ୍ସା ପାତ୍ରଙ୍କ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବାଦ୍ୟଯନ୍ତ୍ର ଯଥା ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ, ମର୍ଦ୍ଦଳରେ ଗୁରୁ ମୁରଲୀଧର ସ୍ୱାଇଁ, ହାର୍ମୋନିୟମରେ ଗୁରୁ ପ୍ରଦୀପ କୁମାର ଦାସ, ମଞ୍ଜିରାରେ ସୌକାନ୍ତ ମଲ୍ଲିକ, ତାନପୁରାରେ ଭାଗ୍ୟଶ୍ରୀ ଦାସ ଓ ଭବାନୀ ସାମଲ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ, ବଂଶୀବାଦନ.ଓ ମର୍ଦ୍ଦଳବାଦନ ପରିବେଷଣ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ସମ୍ମାନିତ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସରକାରୀ ସାଧାରଣ ପରିଚାଳକ ବରେନ୍ଦ୍ର ରଣା ଏବଂ ଅଧ୍ୟକ୍ଷ ବିଜୟ ଜେନା ଉପସ୍ଥିତ ଥିଲେ।

## କନିଷ୍ଠ ଯନ୍ତ୍ରୀ ପଦବୀରେ ଡିପ୍ଲୋମା ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦାବି

ଭୁବନେଶ୍ୱର,୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଇଞ୍ଜିନିୟରିଂ କ୍ୟାଡରର ମୂଳ ପଦବୀ(ବେସ୍ ଲେବଲ ପୋଷ୍ଟ)ରେ ଡିପ୍ଲୋମା ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବା ପାଇଁ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ୱେଲଫେୟାର ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଓଡ଼େଶା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିପ୍ଲୋମା ଇଞ୍ଜିନିୟର ସଂଘର ସଭାପତି କୃତିଦୀପ୍ତ ନାୟକ କହିଛନ୍ତି, କନିଷ୍ଠ ଯନ୍ତ୍ରୀ ପଦବୀରେ ବି.ଟେକ୍ ଡିଗ୍ରୀଧାରୀଙ୍କ ନିଯୁକ୍ତି ଦାବି ସରକାରୀ ନୀତି ବିରୁଦ୍ଧ। କନିଷ୍ଠ ଯନ୍ତ୍ରୀଙ୍କ କ୍ଷେତ୍ରରେ ଆବଶ୍ୟକତା ହେଉଥିବା ବୈଷୟିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦିଆଯାଇ ଡିପ୍ଲୋମା ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିବାବେଳେ ବି.ଟେକ୍ ପାଠ୍ୟ ଖସଡ଼ା ଇଞ୍ଜିନିୟରିଂ ବିଭାଗର ଉଚ୍ଚ ପଦବୀକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଡିପ୍ଲୋମା ଇଞ୍ଜିନିୟରିଂ ବିଭାଗରେ ଉଦ୍ଦିଷ୍ଟ କନିଷ୍ଠ ଯନ୍ତ୍ରୀ ପଦବୀ ବ୍ୟତୀତ ଅନ୍ୟ କୌଣସି ନିଯୁକ୍ତି ସୁଯୋଗ ନ ଥିବାବେଳେ ବି.ଟେକ୍ ଡିଗ୍ରୀଧାରୀଙ୍କ ପାଇଁ ଅନେକ ସୁଯୋଗ ରହିଛି। ତେଣୁ ଡିପ୍ଲୋମା ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏପରି ନ ହେଲେ ହଜାର ହଜାର ସଂଖ୍ୟାରେ ବେକାର ଥିବା ଗରିବ, ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗର ଡିପ୍ଲୋମା ଇଞ୍ଜିନିୟରିଂ ଡିଗ୍ରୀଧାରୀ ତଥା ଶତାଧିକ ପଲିଟେକନିକ୍‌ରେ ଅଧ୍ୟୟନରତ ଡିପ୍ଲୋମା ଇଞ୍ଜିନିୟର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ କହିଛନ୍ତି। ଏହି ଅବସରରେ ଉପସଭାପତି ସୌମ୍ୟ ରଞ୍ଜନ ପ୍ରଧାନ ଓ ସାଧାରଣ ସମ୍ପାଦକ ଗୌତମ କୁମାର ବେହେରା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡିପ୍ଲୋମା ଇଞ୍ଜିନିୟର ସଂଘର ସଭାପତି କୃତିଦୀପ୍ତ ନାୟକ ବିବୃତି ରଖୁଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୮।୨୦୨୪

| ୩,୨୭,୬୪୮ ଟଙ୍କା | |
|---|---|
| ସୁନା | ୩.୮୭୦ ଗ୍ରାମ୍ |
| ରୁପା | ୨୦.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଚାଉଳ ହଡ଼ପ ଘଟଣାରେ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଯୋଗେଶ୍ୱରପୁର,୬।୮ (ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟ ଅଞ୍ଚଳର ଇଶାଣପୁର ପଞ୍ଚାୟତର କଦପାଟଣା ଗ୍ରାମର ପ୍ରଦୀପ୍ତ କୁମାର ଦାସଙ୍କ ସ୍ତ୍ରୀ ମୀନାକ୍ଷୀ ଦାସଙ୍କ ଅନ୍ତ୍ୟୋଦୟ କାର୍ଡ ଥାଇ ଦୀର୍ଘ ୧୦ ବର୍ଷ ହେଲା ଚାଉଳ ପାଉ ନ ଥିବା ସମ୍ପର୍କରେ ଖବରକାଗଜରେ ଖବର ପରିବେଷଣ ହୋଇଥିଲା। ଅସ୍ତରଙ୍ଗ ଅଞ୍ଚଳର ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୨୨।୭।୨୪ରେ ଟୁଇଟ୍ କରିଥିଲେ। ଉକ୍ତ ପତ୍ର ପାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ୧୧୪୫୩ ତା ୩।୮।୨୪ରେ ଜିଲାପାଳଙ୍କ ନିକଟକୁ ମୁଖ୍ୟମନ୍ତ୍ରୀଙ୍କ ଡେପୁଟି ସଚିବ ବିଧାନଚନ୍ଦ୍ର ରାଉତ ଜିଲାପାଳଙ୍କୁ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତା ୨୫/୭/୨୪ ଚିଠି ନଂ. ୯୯୪୭ ଜିଲା ଖାଉଟି ଯୋଗାଣ ବିଭାଗକୁ ପଠାଇବା ସହ ଗୋପ ବ୍ଲକ ବିଡିଓଙ୍କ ନିକଟକୁ ମଧ୍ୟ ଏକ ଚିଠି ଦେଇ ଅନ୍ତ୍ୟୋଦୟ କାର୍ଡ ଜାଲିଆତି ଘଟଣାର ତଦନ୍ତ କରି ଉକ୍ତ ମହିଳାଙ୍କୁ ଚାଉଳ ଓ କାର୍ଡ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ, ମୀନାକ୍ଷୀଙ୍କଠାରୁ ଦୀର୍ଘ ୧୦ ବର୍ଷ ତଳେ ଡିଲର ବେଣୁଧର ସାହୁ କାର୍ଡ ନେଇ ଫେରାଇ ନ ଥିଲେ। ସେହି କାର୍ଡରେ ଦେଖୁଛି ଗ୍ରାମର ୨ ମହଲା କୋଠା ଥିବା ଜଣେ ମହିଳାଙ୍କୁ ଅନ୍ତ୍ୟୋଦୟ କାର୍ଡ ଦିଆଯାଇଥିଲା। ଏହା ଜଣାପଡିବା ପରେ ଖାଦ୍ୟ ଯୋଗାଣ ସଚିବ ସୁନୀଲ ଲୋହାନି, ପୁରୀ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ବଳଙ୍ଗା ପ୍ରେସ୍‌କ୍ଲବର ପ୍ରଥମ ବାର୍ଷିକ ବୈଠକ

ବଳଙ୍ଗା,୬।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ପ୍ରେସ୍‌କ୍ଲବର ପ୍ରଥମ ବାର୍ଷିକ ବୈଠକ ମଙ୍ଗଳବାର ବଜାରର ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କେଦାରେଶ୍ୱର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ମନୋରଞ୍ଜନ ଦାଶ, ଖବରଦାତା ସନ୍ତୋଷ ବରାଳ, ସୁରେଶ ଚନ୍ଦ୍ର ମହାନ୍ତି, ଦୁର୍ଗା ପ୍ରସାଦ ମହାପାତ୍ର, ମନୋଜ ପ୍ରଧାନ, ପବିତ୍ର ପ୍ରଧାନ, ରାଜକୁମାର ଦାଶ, ଅଭିମନ୍ୟୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ରୁଲ୍‌ର ବୈଧତାକୁ ନେଇ ପ୍ରଶ୍ନ

## ଶ୍ରୀମନ୍ଦିର ଜମି ପରିଚାଳନା ନିୟମ ୨୦୨୪ର ଚିଠା ପ୍ରସ୍ତାବ ଅନୁମୋଦନ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଅଧୀନରେ ଥିବା ଜମିଜମାଗୁଡ଼ିକର କିଣାବିକା ନେଇ ପ୍ରସ୍ତୁତ ହୋଇଥିବା ଶ୍ରୀମନ୍ଦିର ଜମି ପରିଚାଳନା ନିୟମ ୨୦୨୪ର ଚିଠା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଜମି ବିକ୍ରୟ କାର୍ଯ୍ୟର ସୁପରିଚାଳନା ନେଇ ପ୍ରସ୍ତୁତ ହୋଇଥିବା ଏହି ଚିଠା ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବ। ଏନେଇ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଶ୍ରୀଜଗନ୍ନାଥ ମନ୍ଦିର ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ରୁଲ୍‌ର ବୈଧତାକୁ ନେଇ ଆଗାମୀ ଦିନରେ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ସାମାଜିକ କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ବରାଳ କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ ଧାରା ୧୬(୨) ଅନୁସାରେ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମହାପ୍ରଭୁଙ୍କ ସମ୍ପତ୍ତି ବିକ୍ରି, ବନ୍ଧକ କିମ୍ବା ୫ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ନିଲାମ ଦିଆଯାଇପାରିବ ନାହିଁ। ତେବେ ୨୦୨୨ ଜାନୁଆରୀ ୮ ରେ ରାଜ୍ୟପାଳଙ୍କ ଦ୍ୱାରା ଅଧ୍ୟାଦେଶ ଅଣାଯାଇ ଜାନୁଆରୀ ୯ ରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଧାରା ୧୬(୨)କୁ ସଂଶୋଧନ କରାଯାଇଥିଲା। ଉକ୍ତ ସଂଶୋଧନକୁ ଚାଲେଞ୍ଜ କରି ବରାଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଗ୍ରହଣ କରି ୨୦୨୨ ମାର୍ଚ୍ଚ ୧୫ରେ ନୋଟିସ ଜାରି କରିଥିଲେ। ଉକ୍ତ ଆଦେଶର ୪ ନଂ ପଏଣ୍ଟରେ ଉଲେଖ ରହିଥିଲା ସଂଶୋଧିତ ଆଇନ ଧାରା ୧୬(୨) ହିଁ ବର୍ତ୍ତମାନ ମାମଲାର ଫଳାଫଳ ବା ନିଷ୍ପତି ଉପରେ ନିର୍ଭର କରିବ। ତେବେ ମାମଲା ବର୍ତ୍ତମାନ ସୁଦ୍ଧା କୋର୍ଟରେ ବିଚାରାଧୀନ ଥିବାବେଳେ ଶ୍ରୀଜଗନ୍ନାଥ ମନ୍ଦିର ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ରୁଲ୍ କରିବା ନିମନ୍ତେ ଲାଗିଛନ୍ତି। ଏହି ରୁଲ୍‌ରେ ମୋହର ବାଜିଲେ ଏହାର ବୈଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବ। ଯଦି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ସଂଶୋଧନ ଆଇନଧାରା ୧୬(୨) ବୈଧତା ନ ଆସେ ତେବେ ନୂତନ ରୁଲ୍‌ର ବୈଧତା ଆସିବ ନାହିଁ। ତେଣୁ ଆଇନ ବିଭାଗ ଏହି ନୂତନ ରୁଲ୍‌ରେ ମୋହର ମାରିବା ପୂର୍ବରୁ ଭଲଭାବେ ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ବରାଳ କହିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ମହାପ୍ରଭୁଙ୍କ ଜମିଜମା ସମସ୍ୟା ସମାଧାନ ପାଇଁ ଲ୍ୟାଣ୍ଡ ସବ୍‌କମିଟି ୨୦୧୯ ୟୁନିଫର୍ମ ପଲିସି ଲାଗୁ କରିଥିବାବେଳେ ବିଭିନ୍ନ ସଙ୍ଗଠନ ଏହାକୁ ବିରୋଧକରି ୨୦୦୩ ୟୁନିଫର୍ମ ପଲିସି ଲାଗୁ କରିବାକୁ ଦାବି କରିଆସୁଥିଲେ। ସୋମବାର ବସିଥିବା ଶ୍ରୀମନ୍ଦିର ପରିଚାଳନା ବୈଠକରେ ମହାପ୍ରଭୁଙ୍କ ଜମିରେ ବସବାସ କରୁଥିବା ଲୋକମାନେ କିଭଳି ସରଳୀକରଣ ଉପାୟରେ ମନ୍ଦିର ପ୍ରଶାସନ ଦ୍ୱାରା ଏନ୍‌ଓସି ପାଇପାରିବେ ସେନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟିର ଚିଠା ପ୍ରସ୍ତାବରେ ରାଜ୍ୟ ସରକାର ମୋହର ମାରିଲେ, ସେହି ଆଧାରରେ ଜମି କିଣାବିକା ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ।



ପୁରୀ ସର୍କିଟ ହାଉସ ପରିସରରେ ସଡ଼କ ସୁରକ୍ଷା କମିଟି ପକ୍ଷରୁ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# ସଚେତନ କରିବ 'ଗଛ ପାଇଁ ମୁଁ ବଞ୍ଚିଛି'



ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

## ଶିଶୁ ସମାଚାର ସାରସ୍ୱତ ସାଧନା ପୁରସ୍କାର ପାଇବେ ମାନସ ସାମଲ

'ଶିଶୁ ସମାଚାର' ସପ୍ତଦଶ ସ୍ୱନକ୍ଷତ୍ର ଉତ୍ସବ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ନୂଆପାଟଣା, ଗୋରୁଆଳସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ 'ଗଛ ପାଇଁ ମୁଁ ବଞ୍ଚିଛି' ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ୧୭ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ପାଇଁ ମହାବିଦ୍ୟାଳୟ ପରିସରରେ ୧୭ଟି ଫୁଲ ଗଛ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍ସବ କମିଟି କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଗଷ୍ଟ ୧୦ରେ ପୁରୀ ପୌର ସଦନରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସମାଚାର ସାରସ୍ୱତ ସାଧନା ସମ୍ମାନ, ଦେବାଂଶୀ ପରିଡ଼ାଙ୍କୁ ଶିଶୁ ସମାଚାର ଶିଶୁ ପ୍ରତିଭା ସମ୍ମାନ, ଡାକ୍ତର ହରିବଲ୍ଲଭ ମହାପାତ୍ରଙ୍କୁ ଶିଶୁ ସମାଚାର ସେବା ସମ୍ମାନ ଏବଂ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ବାଲିଗୁଆଳିସ୍ଥିତ ଶାରଦା ବିହାର ସରକାରୀ ଉଚ୍ଚ ବିଦ୍ୟାଳୟକୁ ସବୁଜ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯିବ ବୋଲି ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଛନ୍ତି। ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇ ବିବିଧ ପ୍ରତିଭାର ପ୍ରଦର୍ଶନ କରିବା ସହିତ ନୃତ୍ୟ, ସଙ୍ଗୀତ ଓ ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ଭାଗ ନେବେ। ଶିଶୁଙ୍କୁ ପରିବେଶ ପ୍ରତି ସଚେତନ କରିବା ପାଇଁ ଚଳିତବର୍ଷ ଉତ୍ସବର ଥିମ୍ ରହିଛି 'ଗଛ ପାଇଁ ମୁଁ ବଞ୍ଚିଛି'। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଚାରାରୋପଣ କାର୍ଯ୍ୟକ୍ରମକୁ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ସବୁଜପ୍ରେମୀ ପ୍ରଦୀପ କୁମାର ଦଳାଇ, ଶିକ୍ଷାବିତ୍ ଦିବାକର ଦଳାଇ, ସାମ୍ବାଦିକ ଜିତେନ୍ଦ୍ର କୁମାର ମିଶ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ମନୋଜ ରଥ, ବନିତା ଦୀକ୍ଷିତ, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୁସମନ୍ୱୟ ରଖିଲେ ସଡ଼କ ସୁରକ୍ଷା ସଫଳ ହେବ

ପୁରୀ, ୬।୮ (ଅଜିତ୍ କୁମାର ମହାନ୍ତି)

ସଡ଼କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟକଲେ ସଡ଼କ ସୁରକ୍ଷା ସଫଳ ହେବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ମଙ୍ଗଳବାର ସର୍କିଟ ହାଉସ୍‌ଠାରେ ପରିବହନ ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ବେହେରା ଅଧକ୍ଷତା କରି ସଡ଼କ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ଼ ଜାରି ରଖିବା, ଲୋକମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ବେହେରା ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଓଏସ୍‌ଡି ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ୨୦୨୪ ଜାନୁଆରୀରୁ ଜୁନ ମାସ ସୁଦ୍ଧା ୨୯୭ ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ୮୪ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୩୩୦ ଦୁର୍ଘଟଣା ଘଟି ୧୬୧ଜଣଙ୍କ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଜୁଲାଇ ସୁଦ୍ଧା ୧୩୮୪ ବିନା ହେଲମେଟ ଯାଞ୍ଚ କରାଯାଇ ୪୭ ଜଣଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବାବେଳେ ଦ୍ରୁତ ଗତିରେ ଗାଡ଼ି ଚାଳନା କ୍ଷେତ୍ରରେ ୩,୦୯୩ କେସ୍ ମଧ୍ୟରୁ ୪୭୮ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ସେହିପରି ସିଟବେଲ୍ଟ ଉଲ୍ଲଘଂନ କ୍ଷେତ୍ରରେ ୪୦ଜଣ, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୯୪, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ଚାଳନାକ୍ଷେତ୍ରରେ ୧୨୫ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏହି ସମସ୍ତ ଘଟଣାରେ ମୋଟ ୪,୭୫୪ କେଶ ମଧ୍ୟରୁ ୫୭୭ ଜଣଙ୍କ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟ୍ରାଫିକ ଡିଏସ୍‌ପି ଚନ୍ଦନ ଘଡ଼େଇ, ଜାତୀୟ ରାଜପଥର ସାଇଟ ଇଞ୍ଜିନିୟର ନୀହାର ସ୍ୱାଇଁ, ଏମ୍‌ଭିଆଇ ଅମିତ କୁମାର ରଣା, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ୍ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କଳିକତି ଦଳରେ ପୂର୍ଣ୍ଣ ଖରଖରା ନାଳ

#### ୧୧ ପଞ୍ଚାୟତ ବନ୍ୟାରେ ବୁଡ଼ିବା ଆଶଙ୍କା

କଣାସ,୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ଲୁଣା ନଦୀର ମଧ୍ୟବର୍ତ୍ତୀ କଣାସ ବ୍ଲକର ୧୧ଟି ପଞ୍ଚାୟତ ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳସିଂହ, ବିଜିପୁର, ବିନ୍ଧଣ, ଗଡ଼ସାହି, ଖଣ୍ଡହତା, ଆଳିବାଡ଼, ଯାମଳଗୋଦା, ଗଡ଼ିଶାଗୋଦା ପ୍ରଭୃତିରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଖରଖରା ନାଳ ରହିଛି। ଯାହା କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ନୂଆ ଜଗନ୍ନାଥ ସଡ଼କ, ଦାମୋଦରପୁର, ଦୁଧୁରଦେଇ ସୁହାଗପୁର ନାଳ ସହ ସଂଯୋଗ କରୁଥିବାବେଳେ ତାହା କଳିକତି ଦଳରେ ପରିପୂର୍ଣ୍ଣ ହେବା ସହିତ ପୋତି ହୋଇ ପଡ଼ିଛି। ଫଳରେ ବର୍ଷା ଓ ବନ୍ୟା ଜଳ ନିଷ୍କାସନରେ ବାଧକ ସାଜୁଛି। ଏହି ନାଳଟି ଡ୍ରେନେଜ୍ ବିଭାଗ ଅଧୀନରେ ଥିବାରୁ ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କୁ ନାଳ ସମ୍ପର୍କରେ ପଚାରିବାରେ, ନାଳ ପୋତି ହେବା ସହ ଦଳ ଜମା ହୋଇଛି। ଦଳ ସଫା କରିବାକୁ ଅର୍ଥ ବ୍ୟବସ୍ଥା ନ ଥିବାରୁ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ, ଅର୍ଥ ଆସିଲେ ଦଳ ସଫା କରାଯିବ।

# ରତନପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ କଳ୍ପନା ପ୍ରଥମ

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଜିଲାସ୍ତରୀୟ ଓଡ଼ିଆ ପ୍ରିମିୟର୍ ହାକାଥନ-୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାରେ ଅବସ୍ଥିତ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରୁ ୯ଜଣ ବିଜ୍ଞାନ ପ୍ରକଳ୍ପଧାରୀ ଅଂଶଗ୍ରହଣ କରିଥିଲେ। ଏହି ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କିଟ୍ ୟୁନିଭରସିଟିର ପ୍ରଫେସର ଏସ୍. କେ. ଏସ୍. ପରାଶର ଯୋଗ ଦେଇ ବିଜ୍ଞାନର ବିଭିନ୍ନ ଉପାଦେୟତା ସମ୍ପର୍କରେ ମତପୋଷଣ କରିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ବିଭିନ୍ନ ଉଦାହରଣ ମାଧ୍ୟମରେ ଅଧିକରୁ ଅଧିକ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପଲିଟେକ୍‌ନିକାଲ୍ ମହାବିଦ୍ୟାଳୟ, ଅଧ୍ୟକ୍ଷ ବିଭୂତି ଭୂଷଣ ନାଏକ, ସାମନ୍ତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଟା ମହାନ୍ତି, ପୁରୀ ସରକାରୀ ଆଇଟିଆଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ ଓ ପ୍ରଧାନ ଶିକ୍ଷକ, ବିଶ୍ୱମ୍ଭର ବିଦ୍ୟାପୀଠର ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ବକ୍ତବ୍ୟ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଇଓ, ଗୋପ, ସୁଶୀଲ କୁମାର ବ୍ରହ୍ମା ଓ ବିଇଓ , ପୁରୀ ସଦର, ପ୍ରମୋଦ କୁମାର କର ଅତିଥି ରୂପେ ଯୋଗଦେବା ସହ ପ୍ରଦର୍ଶିତ ୯ଗୋଟି ପ୍ରକଳ୍ପ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ରତନପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ କଳ୍ପନା ସେଠୀଙ୍କୁ ୧୫,୦୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବାଣୀ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ସୁମିତା ଜେନାଙ୍କୁ ୧୦,୦୦୦ ଟଙ୍କା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅତିବଡ଼ୀ ଜଗନ୍ନାଥ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କପିଳେଶ୍ୱର ପୁରର ଛାତ୍ରୀ ସୋନାଲି ଜେନାଙ୍କୁ ୫,୦୦୦ ଟଙ୍କା ଜିଲା ଶିକ୍ଷାଧିକାରୀ ପାଢ଼ୀ ପୁରସ୍କାର ରୂପେ ପ୍ରଦାନ କରିଥିଲେ।

# ପଞ୍ଚସଖା ସାହିତ୍ୟରେ ଜ୍ଞାନମିଶା ଭକ୍ତିର ପ୍ରାଧାନ୍ୟ ରହିଛି

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ସମତା ସାହିତ୍ୟ ସମିତି ଓଡ଼ିଶା ପୁରୀ ପକ୍ଷରୁ ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସମିତିର ସଭାପତି ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାରେ ମୁଖ୍ୟଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରାଧ୍ୟାପକ ହର ପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଭାବେ ଦିଲୀପ ସେନାପତି, ଚନ୍ଦ୍ରଶେଖର ଦାଶ, ଐତିହାସିକ ମଦନ ମୋହନ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସୁଶ୍ରୀ କ୍ରିଷ୍ଣା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଷୋଡ଼ଶ ଶତାବ୍ଦୀରେ ଅଚ୍ୟୁତ, ଅନନ୍ତ, ଜଗନ୍ନାଥ, ବଳରାମ ଓ ଯଶବନ୍ତ ନିଜ ନିଜ ସାହିତ୍ୟ କୃତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ଉପରେ ଲେଖନୀ ଚାଳନା କରି ସାମାଜିକ ବିପ୍ଳବ ସହ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିପାରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଯୋଗ ଦର୍ଶନ କାୟ ସାଧନା ହଠଯୋଗ ଯନ୍ତ୍ର, ମନ୍ତ୍ର, ତନ୍ତ୍ର, ଶୂନ୍ୟବାଦ ଓ ଦୀକ୍ଷା ପରମ୍ପରା ସପ୍ତାଙ୍ଗ ଯୋଗ ତଥା ଉତ୍କଳୀୟ ବୈଷ୍ଣବ ପରମ୍ପରାରେ ଜ୍ଞାନମିଶା ଭକ୍ତିର ସେମାନେ ଉପାସକ ଥିଲେ। ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ପରେ ଏହି ଉତ୍କଳୀୟ ବୈଷ୍ଣବ ସାଧକଙ୍କ ସଂସ୍ପର୍ଶରେ ଆସିଥିଲେ ହେଁ ସଂସ୍କୃତି ଭାଗବତର ପ୍ରକୃତ ଭାଷାରେ ରୂପକାର ଶ୍ରୀଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ବୋଲି ସମ୍ବୋଧନ କରିଥିଲେ। ଆୟୋଜିତ ଆଲୋଚନା ଚକ୍ରରେ ପଣ୍ଡିତ ଦୟାନିଧି ତ୍ରିପାଠୀ, ଅଧାପକ ପ୍ରମୋଦ କୁମାର ଦଳାଇ, ପଣ୍ଡିତ ସଦାଶିବ ମିଶ୍ର, ଅଧାପକ ଅଶୋକ କୁମାର ମିଶ୍ର, ଅଶୋକ କୁମାର ମହାପାତ୍ର, ନାରାୟଣ ନନ୍ଦ, ପ୍ରଭାତ ଚନ୍ଦ୍ର ରଥ, ବିପିନ କୁମାର ଦଳାଇ, ଡାକ୍ତର ରାନୁ ମିଶ୍ର, ଡକ୍ଟର ସସ୍ମିତା ମିଶ୍ର, ଆଶାଲତା ପ୍ରଧାନ, ମାନସୀ ରଥ, ଚାରୁଲତା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ଗୁରୁ ପରମ୍ପରାର ମହତ୍ତ୍ୱ ଓ ପ୍ରାଚୀନ ଗୁରୁ ପରମ୍ପରା ଉପରେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ଦିଲୀପ ସେନାପତି, ପ୍ରଭାକର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟକୁ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।




ସମତା ସାହିତ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ,୬।୮ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ଉଚ୍ଛେଦ କରାଯାଇଥିବା ଉଠା ଦୋକାନୀଙ୍କୁ ପୁନର୍ବାର ବଡ଼ ଦାଣ୍ଡରେ ଥଇଥାନ ଦାବି କରି ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ଉଠାଦୋକାନୀମାନେ ରାଜ୍ୟ ସଭାପତି ମହେଶ୍ୱର ଭୋଳଙ୍କ ନେତୃତ୍ୱରେ ଜଗନ୍ନାଥ ବଲ୍ଲଭଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ବଡ଼ଦାଣ୍ଡର ୧୫୦୦ ଉଠାଦୋକାନୀଙ୍କ ସମସ୍ୟା ସମାଧାନ ନିମନ୍ତେ ମହାସଂଘ ପକ୍ଷରୁ ଉଲେଖ କରାଯାଇଛି। ଶ୍ରୀମନ୍ଦିର ସଂସ୍କୃତି ସହିତ ଜଡ଼ିତ ଜିନିଷ ମନ୍ଦିର ନିକଟ ବଡ଼ଦାଣ୍ଡରେ ହିଁ ବ୍ୟବସାୟ ହୋଇପାରିବ। ତେଣୁ ପ୍ରଶାସନ ଦ୍ୱାରା ଦିଆଯାଇଥିବା କିଓସ୍କଗୁଡ଼ିକ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପକାଇ ଭେଣ୍ଡିଙ୍ଗ ଜୋନ୍‌ର ସୁବିଧା କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ପୁରୀ ଏକ ଛୋଟ ସହର ହୋଇଥିବାରୁ ସୀମିତ ଉଠାଦୋକନୀ ପୁରୀରେ ରହିଲେ ଭଲ। ରାଜ୍ୟ ଓ ଜିଲା ବାହାରୁ ହଜାର ହଜାର ଲୋକ ଆସି ବ୍ୟବସାୟ କରୁଛନ୍ତି, ଯାହାଫଳରେ ସ୍ଥାନୀୟ ଉଠାଦୋକାନୀଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ତେଣୁ ଏଦିଗରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। କୌଣସି ଭକ୍ତ ଶ୍ରୀଦାଣ୍ଡରେ ଗମନାଗମନ କରୁ ନ ଥିବାରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ଶ୍ରୀସେତୁ ତଳେ ବ୍ୟବସାୟ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅପରପକ୍ଷରେ ଓଡିଶାରେ ଘଟୁଥିବା ସେତୁ ଦୁର୍ଘଟଣା ସମସ୍ୟା ଅନୁସାରେ ଶ୍ରୀସେତୁ ତଳେ ବ୍ୟବସାୟ କରିବା ବିପଦପୂର୍ଣ୍ଣ ଅଟେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ସେତୁ ତଳେ କୌଣସି ଭେଣ୍ଡିଂଜୋନ୍ ହୋଇପାରିବ ନାହିଁ। ତେଣୁ ସମସ୍ୟା ବିଷୟକୁ ଦୃଷ୍ଟିକୁ ନେଇ ସରକାର ପ୍ରଶାସନ ଆଲୋଚନା କରି ଆଗାମୀ ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରନ୍ତୁ ନଚେତ୍ ଉଠାଦୋକାନୀମାନେ ବଡ଼ ଦାଣ୍ଡକୁ ପୁନଃ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବଡ଼ଦାଣ୍ଡ ମିଳିତ ଉଠାଦୋକାନୀ ସଂଘର ସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ପ୍ରଦୀପ କୁମାର ନାୟକ, ନୀଳାଚଳ କ୍ଷୁଦ୍ର ବେବସାୟ ମହାସଂଘର ସଭାପତି ମାନସ ରଥ, ସମ୍ପାଦକ ଅନନ୍ତ ରଥଙ୍କ ସହ ବିଭିନ୍ନ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ପୁରୀର ଉଠା ଦୋକାନୀଙ୍କ ସ୍ଥାୟୀ ସମାଧାନ ପାଇଁ ଉଠାଦୋକାନୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

**୨ ଦିନରେ ୧୧ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କଟକ ଜିଲାରେ ୨ ଦିନ ମଧ୍ୟରେ ୧୧ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଟକ ସହରର ୮ ଓ ଜିଲାର ଅନ୍ୟ ଅଞ୍ଚଳର ୩ ଜଣ ରହିଛନ୍ତି। କଟକ ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୮୦ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ କଟକ ମହାନଗର ନିଗମ ଅଞ୍ଚଳର ୬୧ ଓ ଜିଲାର ଅନ୍ୟ ଅଞ୍ଚଳର ୧୯ ଜଣ ବୋଲି ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ବର୍ଷାଦିନ ଯୋଗୁ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ୨ ଦିନରେ ୧୧ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସମସ୍ତ ପ୍ରକାର ମୁକାବିଲା ପାଇଁ ପ୍ରସ୍ତୁତ ରହିଛୁ ବୋଲି ବେଉରା କହିଛନ୍ତି।

## ସଂକ୍ଷେପରେ

### ଡାକ୍ତରଖାନାରୁ ଅଭିଯୁକ୍ତ ଚମ୍ପଟ

ସାଲେପୁର,୬।୮(ଅରବିନ୍ଦ ଭୂୟାଁ)

ପୋଲିସକୁ ଚକ୍‌ମା ଦେଇ ଜଣେ ଗିରଫ ଅଭିଯୁକ୍ତ ମଙ୍ଗଳବାର ଡାକ୍ତରଖାନାରୁ ଚମ୍ପଟ ମାରିଛନ୍ତି। ଏହି ଘଟଣା ସାଲେପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସଠାରୁ ତାଙ୍କ ପରିଚୟ ମିଳିପାରିନାହିଁ। ଏହି ଥାନା ଅନ୍ତର୍ଗତ ନଗସରପୁର ଅଞ୍ଚଳରେ ଏକ ଅପହରଣ ମାମଲାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ଡାକ୍ତରୀ ପରୀକ୍ଷା କରାଇବା ପାଇଁ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ ଖସିଯାଇଛନ୍ତି। ଏହାପରେ ପୋଲିସ ତାଙ୍କୁ ବିଭିନ୍ନ ସ୍ଥାନରେ ସନ୍ଧାନ କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

ସାଲେପୁର,୬।୮(ଅରବିନ୍ଦ ଭୂୟାଁ)

ତୃତୀୟ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ବ୍ଲକ ଅଞ୍ଚଳର ସେକ୍ ମୋଟିମ(୨୦)। ଏହି ଅଞ୍ଚଳର ନାବାଳିକା ଛାତ୍ରୀ ଜଣକ ମଙ୍ଗଳବାର କ୍ଷୀର ନେଇ ଘରକୁ ଫେରୁଥିଲେ। ଏହି ସମୟରେ ସେକ୍ ତାଙ୍କୁ ଏକୁଟିଆ ପାଇ ନିକଟରେ ଥିବା ସ୍କୁଲ ପଛପଟ ବୁଦାମୂଳକୁ ଟେକିନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାରୁ ସେକ୍ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ଗୁଆଲିପୁର ଗ୍ରାମରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ସର୍ବଭାରତୀୟ ଡ୍ରାଇଭର ସଂଘର ସେବା କାର୍ଯ୍ୟ

କଟକ,୬।୮(ଶିକ୍ଷା ପ୍ରିୟଦର୍ଶିନୀ)

ସର୍ବଭାରତୀୟ ଡ୍ରାଇଭର ମହାସଂଘ କଟକ ଶାଖା ପକ୍ଷରୁ କାଉଡିଆଙ୍କ ପାଇଁ ସେବା କାର୍ଯ୍ୟ ନଖରା ବମ୍ପକୁଦ ସାହିଠାରେ ଅନୁଷ୍ଠିତ ହୋଇଯାଇଛି। ସେଠାରେ ମାଗଣା ଖାଦ୍ୟ ବ୍ୟବସ୍ଥା, ସେବା କାର୍ଯ୍ୟ, ଭଜନ ସମାରୋହ ଆୟୋଜନ କରାଯାଇଛି। କେଦାରନାଥ ନାୟକ, ରାଜା ନାୟକ, ଅଜୟ ମହାନ୍ତି, ଅକ୍ଷୟ ମହାନ୍ତି, ସତ୍ୟବ୍ରତ ପାତ୍ର ଓ ଉମ୍ବରୁଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାନ୍‌ନଗର ସିଏନ୍‌ଜି ଶବଦାହ ଚୁଲା ଅଚଳ

## ଓଏଚ୍‌ଆର୍‌ସିରେ ମାମଲା

କଟକ,୬।୮ (କାର୍ତ୍ତିକ ସାହୁ)

ଖାନ୍‌ନଗରଠାରେ ବନ୍ଦ ଥିବା ସିଏନ୍‌ଜି ଗ୍ୟାସ୍ ଚୁଲାକୁ କାର୍ଯ୍ୟକ୍ଷମ କରିବା ସହ ସେଥିରେ ଶିଶୁଭବନ ଓ ଏସ୍‌ସିବି ମେଡିକାଲରୁ ଆସୁଥିବା ଦରିଦ୍ର, ନିଃସହାୟ ବ୍ୟକ୍ତିଙ୍କ ମୃତଦେହ ମାଗଣାରେ ଦାହ ବ୍ୟବସ୍ଥା କରାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ମାମଲା ରୁଜୁ ହୋଇଛି। ପୁରୀ ସ୍ୱର୍ଗଦ୍ୱାର ଭଳି ଏଠାରେ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ନିମନ୍ତେ ଅର୍ଥ ଯୋଗାଇ ଦେବାକୁ ଆବେଦନକାରୀ ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତି ଆବେଦନରେ ଦର୍ଶାଇଛନ୍ତି। ଓଏଚ୍‌ଆର୍‌ସି ମାମଲାକୁ ବିଚାର ନିମନ୍ତେ ଗ୍ରହଣ କରି ଖାନ୍‌ନଗରଠାରେ ବନ୍ଦ ଥିବା ସିଏନ୍‌ଜି ମୃତଦେହ ସଂସ୍କାର ଚୁଲା କାର୍ଯ୍ୟକ୍ଷମ ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେନେଇ ପ୍ରତିପକ୍ଷମାନଙ୍କୁ କାରଣ ଦର୍ଶାଇବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ଏଥିସହ ମୃତଦେହ ସତ୍କାର ପାଇଁ ଆସୁଥିବା ମୃତବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କ ନିମନ୍ତେ ମୌଳିକ ଆବଶ୍ୟକତା ଭାବେ ପାଣି, ଆଲୋକ, ବସିବା ସ୍ଥାନ ଆଦି ଉପଲବ୍ଧ କରାଇବା ସଂକ୍ରାନ୍ତରେ ମଧ୍ୟ ଓଏଚ୍‌ଆର୍‌ସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବେଦନକାରୀ ମହାନ୍ତି ଓଏଚ୍‌ଆର୍‌ସିଙ୍କ ନିକଟରେ ମାମଲା ଦାଏର କରିଛନ୍ତି।

ପ୍ରକାଶ ଯେ, ଖାନ୍‌ନଗରଠାରେ ଅଚଳ ଥିବା ବିଦ୍ୟୁତ୍‌ଚାଳିତ ଶବଦାହ ଚୁଲାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆବେଦନକାରୀ ୨୦୧୬ରେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ବିଦ୍ୟୁତ୍ ଚୁଲା ବଦଳରେ ସିଏନ୍‌ଜି ଚାଳିତ ଶବଦାହ ଚୁଲା ଖାନ୍‌ନଗର ଓ କାଳିଆବୁଦା ଶ୍ମଶାନରେ କରାଇବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୮ ଜୁଲାଇ ୨୦ରେ ସିଏନ୍‌ଜି ଚୁଲା ସ୍ଥାପନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଦିନ ହଜାର ହଜାର ରୋଗୀ ଏସ୍‌ସିବି ମେଡିକାଲ, ଶିଶୁ ଭବନକୁ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ମୃତ୍ୟୁ ଘଟୁଥିବା ନିଃସହାୟ, ନିରାଶ୍ରୟ ଏବଂ ଦରିଦ୍ର ଶ୍ରେଣୀର ରୋଗୀଙ୍କ ମୃତଦେହକୁ ହରିଶ୍ଚନ୍ଦ୍ର ଯୋଜନାରେ ଖାନ୍‌ନଗର ସିଏନ୍‌ଜି ଚୁଲାରେ ଦାହ କରାଇବାର ବ୍ୟବସ୍ଥା କରାଯିବା ଉଚିତ୍। ମାତ୍ର ଦୀର୍ଘଦିନ ହେବ ଖାନ୍‌ନଗରଠାରେ ସିଏନ୍‌ଜି ଶବଦାହ ଚୁଲା ଅଚଳ ହୋଇପଡ଼ିଛି। ଏହି ଚୁଲା ପରିଚାଳନା କରିବା ପାଇଁ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ୍) ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା କରିଥିଲା। ଚୁଲା ନିର୍ମାଣଠାରୁ ଆରମ୍ଭ କରି ସିଏନ୍‌ଜି ଯୋଗାଣ ଆଦି କାର୍ଯ୍ୟ ଗେଲ୍ କରୁଥିଲା। ଏହି ଚୁଲାରେ ମାତ୍ର ଏକ ଘଣ୍ଟା ମଧ୍ୟରେ ମୃତଦେହ ପୋଡ଼ିଯାଇଥାଏ। ସଲ୍‌ଫର ଡାଇଅକ୍‌ସାଇଡ୍ ବା କାର୍ବନ ଡାଇଅକ୍‌ସାଇଡ୍ ଭଳି କୌଣସି ପ୍ରକାର ବିଷାକ୍ତ ଗ୍ୟାସ୍ ଅଥବା ଅଙ୍ଗାରକଣିକା ଏଥିରୁ ସୃଷ୍ଟି ହୋଇ ନ ଥାଏ। ତେଣୁ ଅନ୍ୟ କୌଣସି ପାରମ୍ପରିକ ପଦ୍ଧତିଠାରୁ ସିଏନ୍‌ଜି ଚୁଲାରେ ମୃତଦେହ ଦାହ ସର୍ବୋତ୍ତମ ବିବେଚିତ ହେଉଛି। କଟକ ମହାନଗର ନିଗମ ମଧ୍ୟ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, କଟକ ଜିଲାପାଳ, କଟକ ମହାନଗର ନିଗମର କମିଶନର ଏବଂ ଭୁବନେଶ୍ୱରସ୍ଥିତ ଗେଲ୍ ଇଣ୍ଡିଆର ଜୋନାଲ ଜେନେରାଲ ମ୍ୟାନେଜରଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି।

# ବିଜ୍ଞାନ ମେଳାରେ ୫୬ ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନ ମେଳାରେ ଜଣେ ଛାତ୍ର ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

କଟକ ସଦର,୬।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି କିଶୋର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବଜିତ୍ ରାଉତରାୟ ଓ ସୁବାସ ସାହୁ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭରତ ଓଝା, ପ୍ରଶାନ୍ତ ବିଶ୍ୱାଳ, ଗଗନ ମହାପାତ୍ର, ସୁନାକର ଭୋଇ ଯୋଗଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହରେନ ମଣ୍ଡଳ, ଦିବାକର ମହାପାତ୍ର, ଅଜିତ୍ କୁମାର ମହାନ୍ତି, ଜୟନ୍ତୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର'



ବୈଠକରେ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ସତୀଶ ଚନ୍ଦ୍ର ସାଏ ଓ ଅନ୍ୟମାନେ।

## ଆର୍‌ପିଏଫ୍‌ର ସମୀକ୍ଷା ବୈଠକ

କଟକ,୬।୮ (କାର୍ତ୍ତିକ ସାହୁ)

ରେଳଯାତ୍ରୀ ସୁରକ୍ଷିତ ଭାବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ସବୁବେଳେ କାର୍ଯ୍ୟରତ। ଯାତ୍ରୀଙ୍କ ଧନ, ଜୀବନ ରକ୍ଷା ଦିଗରେ ଆର୍‌ପିଏଫ୍ କର୍ମଚାରୀ ଅବିରତ ଉଦ୍ୟମ କରିଚାଲିଛନ୍ତି। ଏସବୁ ପରେ ସେମାନେ ରେଳଯାତ୍ରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପ୍ରାଥମିକତା ଦେବା ନିମନ୍ତେ ଆର୍‌ପିଏଫ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ସମୀକ୍ଷା ବୈଠକରେ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ସତୀଶ ଚନ୍ଦ୍ର ସାଏ ଗୁରୁତ୍ୱାରୋପ କରିଛନ୍ତି। ଦୈନନ୍ଦିନ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତ ଉପସ୍ଥାପନ କରିଥିଲେ। ରେଳଯାତ୍ରା ସମୟରେ ସମ୍ଭାବ୍ୟ ଅପରାଧ ଏବଂ ଅପରାଧୀଙ୍କଠାରୁ ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଏ ନିର୍ଦ୍ଦେଶ ଦେଇଥିଲେ। କୌଣସି ପ୍ରକାର ବିଶୃଙ୍ଖଳା ଅଥବା ଆପରାଧିକ କାର୍ଯ୍ୟକଳାପକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସାଏ କହିଥିଲେ। ଆଇଆଇସି ଅନିଲ କୁମାର ସିଂହ କଟକ ଆର୍‌ପିଏଫ୍‌ର କାର୍ଯ୍ୟାବଳୀ ସଂକ୍ରାନ୍ତରେ ବିବରଣୀ ଉପସ୍ଥାପନ କରିଥିଲେ। ଏଥିସହ କେତେକ ସମସ୍ୟା ଉପରେ ମଧ୍ୟ ଉପରିସ୍ଥ ଅଧିକାରୀ ସାଏଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଟକ ଆର୍‌ପିଏଫ୍‌ର ଅଧିକାରୀ, କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ପ୍ରତ୍ୟେକ ବ୍ୟକ୍ତି ଚାରା ଲଗାଇବାକୁ ପରାମର୍ଶ

## ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ, ୬।୮(ସଚ୍ଚିଦାନନ୍ଦ ପଣ୍ଡା)

କଟକସ୍ଥିତ ଅନନ୍ତ ସଙ୍ଗୀତ ମହାବିଦ୍ୟାଳୟ ଓ ସର୍ପେଶ୍ୱର ସଙ୍ଗୀତ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବଉଳପଦା ଶ୍ରୀରାମ ବୈଦ୍ୟରାଜ ଫାଉଣ୍ଡେଶନ ପକ୍ଷରୁ ବଉଳପଦାସ୍ଥିତ ଔଷଧୀୟ ଫାର୍ମ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରଫେସର ଡ. ନାରାୟଣ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ମୁରବି ଗୋଲକ ବିହାରୀ ଦାସ, ଅନନ୍ତ ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ଦୁଷ୍ମନ୍ତ କୁମାର ଦତ୍ତ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଚାରା ଲଗାଇବାକୁ ପରାମର୍ଶ ଦେଇଥିଲେ। ସର୍ପେଶ୍ୱର ସଙ୍ଗୀତ ବିଦ୍ୟାଳୟ ସଭାପତି କବିରାଜ ଉଲ୍ଲାସ କୁମାର ପଣ୍ଡା ଓ ସମ୍ପାଦକ ବିଷ୍ଣୁ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଦୀପକ କୁମାର ରାଉତ, ଗୁରୁମା ପୁରବୀ ଦତ୍ତ, ମହେଶ୍ୱର ପଣ୍ଡା ଓ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ୨୦୦ ଔଷଧୀୟ ଚାରାରୋପଣ କରିଥିଲେ।

# ସମସ୍ୟା ସମାଧାନ ପାଇଁ ମେୟରଙ୍କୁ ଦାବିପତ୍ର



ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମଙ୍ଗୁଳି-ଜଗତପୁର,୬।୮(ମାନସ ସାମଲ)

ଜଗତପୁର ଥାନା ଅଧୀନ ୪୯ ନମ୍ବର ୱାର୍ଡ ନୂଆସାହି ଅଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭାଜପା ନେତା ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ୱାର୍ଡବାସୀ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ନୂଆସାହି ଅଞ୍ଚଳରେ ଦୀର୍ଘବର୍ଷର ଶ୍ମଶାନ ସମସ୍ୟା ଘେରରେ ରହିଛି। ଶ୍ମଶାନରେ ପିଇବା ପାଣି, ଆଲୋକୀକରଣ, ବର୍ଷାଦିନେ ଜଳ ନିଷ୍କାସନର ବ୍ୟବସ୍ଥା ନାହିଁ। ସ୍ଥାନୀୟ ଅଞ୍ଚଳରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟର ଚତୁଃର୍ପାଶ୍ୱରେ ପାଚେରି ନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ମନରେ ଅସାମାଜିକ ବ୍ୟକ୍ତି ପଶି ଆସିବା ଭୟ ରହୁଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କମିଟି ସମ୍ପାଦକ ହୃଦାନନ୍ଦ ଜେନା, ହେମନ୍ତ କୁମାର ଜେନା, ଅଜିତ୍ କୁମାର ଭୂୟାଁ, ରାକେଶ କୁମାର ଜେନା, ଦୀପକ କୁମାର ଜେନା, ଲକ୍ଷ୍ମୀଧର ଭୂୟାଁ, ହେମନ୍ତ କୁମାର ଜେନା (ବୁଲା) ପ୍ରମୁଖ ମେୟରଙ୍କୁ ଭେଟି ଆଲୋଚନା କରିଥିଲେ। ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିବା ଭାଜପା ନେତା ସନ୍ତୋଷ ମହାନ୍ତି କହିଛନ୍ତି।

# ଲଗାଣ ବର୍ଷା: ଘରେ ପଶିଲା ପାଣି

ବଡ଼ମ୍ବା, ୬।୮(ମାୟାଧର ମଲ୍ଲିକ )

ଲଗାଣ ବର୍ଷା ଯୋଗୁ ବଡ଼ମ୍ବା ବ୍ଲକ ଅଞ୍ଚଳର ସ୍ଥିତି ମଙ୍ଗଳବାର ବେହାଲ ହୋଇଯାଇଛି। କେଉଁଠି ରାସ୍ତା ଉପରେ ପାଣି ତ, ପୁଣି କେଉଁଠି ଘରେ ପାଣି ପଶିଛି। ଛୋଟ ନାଳ ସବୁ ପୂରି ପାଣି ରାସ୍ତା ଉପରେ ଚାଲିଛି। ସିଆରିଆ, ବାଲିଯୋରି, ହାଡୁଆ ଇତ୍ୟାଦି ନାଳରେ ବର୍ଷାଜଳ ପ୍ରବାହିତ ହେଉଛି। ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲଗାଣ ବର୍ଷା ଯୋଗୁ ଏଭଳି ସମସ୍ୟା ଉପୁଜିଛି। ବିଶେଷକରି ବଡ଼ମ୍ବା ଅନ୍ତର୍ଗତ ଦେଉଳି ଗ୍ରାମସ୍ଥିତ କପିଳେଶ୍ୱର ମନ୍ଦିର ଭିତରେ ବର୍ଷାଜଳ ପଶିଛି। ଭଞ୍ଜାରିକା ଛକର ପେଟ୍ରୋଲ ପମ୍ପ ନିକଟ ମୁଖ୍ୟ ରାସ୍ତାରେ ପ୍ରାୟ ୩ ଫୁଟର ବର୍ଷାଜଳ ପ୍ରବାହିତ ହେଉଛି। ସେହିପରି ବଡ଼ମ୍ବା ମୋହନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟ ପାଚେରି ଭାଙ୍ଗିବା ସହିତ ନିକଟସ୍ଥ ନିଗମାନନ୍ଦ ଆଶ୍ରମ ଗୃହରେ ବର୍ଷାଜଳ ପଶି ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି। ବଡ଼ମ୍ବାର ମାଳିସାହି, ବଡ଼ସାହି, ବଡଦାଣ୍ଡ ସାହି ଓ ହଳିଆ ସାହି ଭିତରେ ବର୍ଷା ଜଳ ପ୍ରବାହିତ ହେଉଛି। ସେହିପରି ଦିନିଆରୀ-ବାଗେରିସିଂହା ଓ ଗଡ଼ାପୋଖରୀ ରାସ୍ତାରେ ବର୍ଷାଜଳ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।



## ଚାଷ ଜମି ଜଳମଗ୍ନ

ଲଗାଣ ବର୍ଷା ଯୋଗୁ ବହୁ ହେକ୍ଟର ଧାନ ଜମି ଜଳମଗ୍ନ ହୋଇଯାଇଛି। ଏବେ ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଆଗକୁ ବଡ଼ଧରଣର ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

# ଆର୍‌ଆଇଙ୍କୁ ରିପୋର୍ଟ ମାଗିଲେ ତହସିଲଦାର

କଟକ ସଦର,୬।୮(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅଞ୍ଚଳରେ ବହୁ ସଂଖ୍ୟକ ସ୍ଥାୟୀ ନିର୍ମାଣ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେଉଁ ସ୍ଥାନରେ ରାଜସ୍ୱ ବିଭାଗର ବିନା ଅନୁମତିରେ ସ୍ଥାୟୀ ନିର୍ମାଣ କରାଯାଇଛି, ତାହାର ରିପୋର୍ଟ ଏକ ସପ୍ତାହ ମଧ୍ୟରେ ଦେବା ପାଇଁ ତହସିଲଦାର କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ନିର୍ମାଣ ସରକାରୀ ଅନୁଦାନରେ କରାଯାଇଛି। ନିକଟରେ କେଶ ନଗର ମୌଜାର ଏକ ଗୋଚର ଜମିରେ ପୂର୍ବତନ ବିଧାୟକଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କ୍ରୀଡ଼ା ଭବନ ନିର୍ମାଣ କରାଯାଇଛି। ହେଲେ ଏହି ନିର୍ମାଣ ଏବେକାର ନୁହେଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ରାଜସ୍ୱ ବିଭାଗର ଅନୁମତି ନିଆ ନ ଯାଇ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ କରିଛନ୍ତି। ଏହି ନିର୍ମାଣ ନିକଟରେ ଆଉ ଏକ କ୍ରୀଡ଼ା ଗ୍ୟାଲେରୀ ମଧ୍ୟ କରାଯାଇଛି।




କେଶ ନଗର ମୌଜାରେ ବ୍ଲକ୍ ପକ୍ଷରୁ ନିର୍ମିତ କ୍ରୀଡ଼ା ଭବନ।

## ଗୋଚର ଜମିରେ ସ୍ଥାୟୀ ନିର୍ମାଣ ପ୍ରସଙ୍ଗ

କିଶୋର ନଗର ପଞ୍ଚାୟତରେ ବିଭିନ୍ନ ପ୍ରକାର ନିର୍ମାଣ ପାଇଁ କେବଳ ଗୋଚର ଜମିକୁ ଟାର୍ଗେଟ କରାଯାଉଥିବାରୁ ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଗୋଚର ଜମି ଉପରେ ନିର୍ମାଣ ସମ୍ପର୍କରେ ପ୍ରଥମେ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଥିଲା। ତଦନୁଯାୟୀ ସ୍ଥାନୀୟ ତହସିଲଦାର ରାୟର ନକଲ ପାଇବା ପରେ ତଦନ୍ତ ଆରମ୍ଭ କରିଛନ୍ତି। ଉଭୟ ନିର୍ମାଣ ସ୍ଥଳୀ ସମ୍ପର୍କରେ ଫାଇଲରେ କିଛି ଉଲ୍ଲେଖ ନ ଥିବାରୁ ଏହା ଉପରେ ବିଡିଓ ରୁମାନା ଜାଫ୍ରୀ ମତାମତ ଦେଇନାହାନ୍ତି।




କଟକ ବିଡାନାସୀସ୍ଥିତ ମଡର୍ନ ପବ୍ଲିକ ସ୍କୁଲରେ ଇସ୍‌କଫ୍‌ର ହିରୋସୀମା ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଡା. ପ୍ରମୋଦ କୁମାର ମହାପାତ୍ର ବକ୍ତବ୍ୟ ଦେଉଛନ୍ତି।




କଟକ ସିଡିଏ ସେକ୍ଟର-୮ ଜନ ଶିକ୍ଷଣ କେନ୍ଦ୍ର ସଭାଗୃହରେ ହିରୋସୀମା ଦିବସ ପାଳନ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ଡ. ଆଶୁତୋଷ ଦେବତା ବକ୍ତବ୍ୟ ଦେଉଛନ୍ତି।

# ଟାଙ୍ଗିଆପଡ଼ାରେ ଚାଲିଛି ବେଧଡ଼କ ପଥର ଖନନ

■ ପ୍ରତିବାଦ କଲେ ଧମକ ଦେଉଛନ୍ତି ମାଫିଆ

■ ପୋଲିସ ଶୁଣୁନି, ପ୍ରଶାସନ ନୀରବ

ଖୋର୍ଦ୍ଧା,୬।୮(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଟାଙ୍ଗିଆପଡ଼ା ଗ୍ରାମବାସୀ।

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଟାଙ୍ଗିଆପଡ଼ା ମୌଜାରେ ବେଆଇନଭାବେ ମାଙ୍କଡ଼ା ପଥର ଖନନ ସହ ମୋରମ ଉତ୍ତୋଳନ ଚାଲିଛି। ୧୪୪ ଧାରା ଜାରି ସତ୍ତ୍ୱେ ଖଣି ମାଫିଆମାନେ ପଥର ଖନନ କରୁଛନ୍ତି। ପ୍ରତିବାଦ କଲେ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଭୟଭୀତ କରାଉଛନ୍ତି। ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମାଫିଆମାନଙ୍କ ଦୌରାତ୍ମ୍ୟ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇ ପଡିଲେଣି। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ବେଆଇନ ପଥର ଖନନ ବନ୍ଦ ସହ ଏହି କାରବାରକୁ ପ୍ରୋତ୍ସାହିତ କରୁଥିବା ଅସାଧୁ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ମୁତାବକ, ଏହି ମୌଜାରେ ଅନାବାଦି ଜମି, ଗୋଚର ଜମି, କାଜୁ ନିଗମ ଜାଗାରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଛି। ଏହିସବୁ ଅଞ୍ଚଳରୁ କେତେଜଣ ଅସାମାଜିକ ଯୁବକ, ମାଫିଆ ଦୈନିକ ୨୦ରୁ ୨୫ ପାୱାରଟିଲର, ୧୦ ଜେସିବି ଲଗାଇ ପଥର ଓ ମୋରମ ଖନନ କରୁଛନ୍ତି। ଦୈନିକ ଶହ ଶହ ଟ୍ରାକ୍ଟର, ଟ୍ରକ୍‌ରେ ଚୋରା ଚାଲାଣ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ପରେ ଖଣି ନିଗମ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଏହା ସତ୍ତ୍ୱେ ମାଫିଆମାନେ ଖୁଲମଖୁଲା ଚାଲାଣ କରୁଛନ୍ତି। ପୋଲିସଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ମାସିକିଆ ବଟି ନେଉଛନ୍ତି, କେହି କିଛି କରିପାରିବେ ନାହିଁ। ଏପରିକି ପ୍ରତିବାଦ କଲେ ମାଫିଆମାନେ ହତ୍ୟା ଧମକ ଦେଉଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ୨.୫ କିମି ଏବଂ ଶିଳ୍ପାଞ୍ଚଳ ଥାନାଠାରୁ ୧.୫ କିମି ଦୂରରେ ଏହି ବେଆଇନ କାର୍ଯ୍ୟ ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଚୋରାଚାଲାଣ ଯୋଗୁ ସ୍ଥାନୀୟ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିକୁ ପାଣି ନ ଯିବାରୁ ଚାଷକାମ ବାଧାପ୍ରାପ୍ତ ହେଉଛି। ଗୋରୁଗାଈ ଚରିବାକୁ ଗୋଚର ଜମି ନାହିଁ। ସରକାରୀ ଜମି, ଗୋଚର ଓ କାଜୁ ଜଙ୍ଗଲରୁ ଗଛ କଟାଯିବାରୁ ପରିବେଶ ପ୍ରଦୂଷଣ ବଢୁଛି। ଟାଙ୍ଗିଆପଡ଼ା ମୌଜାର ଅନାବାଦୀ ଖାତା ନଂ.୩୨୭ର ୫୯ଟି ପ୍ଲଟ, ୨୨୭ ଏକର ବିଶିଷ୍ଟ ଜମିରେ ଖନନ ଚାଲିଛି। ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଏହାର ସ୍ଥିତି ଅନୁଧ୍ୟାନ ପାଇଁ ଜିଲାପାଳଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି। ଉକ୍ତ ପ୍ଲଟ ଉପରେ ୧୪୪ ଧାରା ଜାରି କରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଉ। ଲାଞ୍ଚ ନେଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ସରକାରୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ସଂକ୍ଷେପରେ

### ଜଳିଗଲା ୪ ବଖରା



ବେଗୁନିଆ,୬।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ବଖରା ପୋଡ଼ିପାଉଁଶ ହୋଇଯାଇଛି। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଜାମୁସାହି ଗ୍ରାମର ପ୍ରମିଳା ପରିଡ଼ାଙ୍କ ୨ ବଖରା, ଜାନକୀ ପରିଡ଼ାଙ୍କ ୧ ବଖରା ଘର ସହ ୧ ବଖରା ଗୁହାଳ ଜଳିଯାଇଛି। ଏଥିସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଅଗ୍ନି ବିପନ୍ନ ପରିବାରକୁ ପ୍ରଶାସନିକ ସ୍ତରରୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ବେଗୁନିଆ ତହସିଲଦାର ତାପସ ବିଶି କହିଛନ୍ତି, ଅଗ୍ନିବିପନ୍ନ ପରିବାରଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ପଲିଥିନ ଯୋଗାଇ ଦିଆଯାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

ବେଗୁନିଆ,୬।୮(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୫୬ ଲିଟର ଦେଶୀ ମଦ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଡ଼ମାଣିତୀର ଗ୍ରାମର ଫକୀର ସୁନ୍ଦରାୟ(୮୦) ଏବଂ ଲୋକିପୁର ଗ୍ରାମର କୃଷ୍ଣ ଚରଣ ଭୋଳ। ତେବେ ଫକୀରଙ୍କ ନିକଟରୁ ୧୬ ଲିଟର ଏବଂ କୃଷ୍ଣ ଚରଣଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ ହୋଇଥିବା ଭ୍ରାମ୍ୟମାଣ ଅବକାରୀ ବିଭାଗ ନିରୀକ୍ଷକ ଆର୍ପା ମାରାଣ୍ଡି ସୂଚନା ଦେଇଛନ୍ତି।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଟାଙ୍ଗୀ,୬।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତରେ ମଙ୍ଗଳବାର ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଅଙ୍ଗନୱାଡ଼ି କର୍ମୀମାନଙ୍କ ଉଦ୍ୟମରେ ଅନୁଷ୍ଠିତ ସମାବେଶରେ ବାଲିପାଟପୁର ଧାନଘର ସାହି, ବଜାର ସାହି, ଚନ୍ଦନସାହି ଓ ଦେଉଳ ସାହିର ପ୍ରସୂତି ମା'ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ମା'ମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେ ସମ୍ପର୍କରେ ଆଲୋଚନା କରାଯିବା ସହିତ ଜନ୍ମିତ ଶିଶୁକୁ ଜନ୍ମ ହେବାର ଏକ ଘଣ୍ଟା ପରେ ସ୍ତନ୍ୟପାନ ଆରମ୍ଭ କରିବା ଏବଂ ଏହାକୁ ୬ ମାସ ପର୍ଯ୍ୟନ୍ତ ଚାଲୁ ରଖିବାକୁ ପରାମର୍ଶ ଦେଇଥିଲେ। ଶିଶୁମାନଙ୍କ ପାଇଁ ମା'କ୍ଷୀରଠାରୁ ଅଧିକ ପୁଷ୍ଟିକର ଖାଦ୍ୟ ଆଉ କିଛି ନାହିଁ। ଶିଶୁର ଭବିଷ୍ୟତ କିପରି ନୀରୋଗ ଓ ବଳିଷ୍ଠ ହେବ ତାହା ମା' କ୍ଷୀର ଉପରେ ନିର୍ଭର କରିଥାଏ ବୋଲି ସଭା ପରେ ଉପସ୍ଥିତ ସହାୟିକାମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଙ୍ଗନୱାଡ଼ି ସହାୟିକା ବିପିନା ସାହୁ, ବବିତା ବରାଳ, ସରୋଜିନୀ ସାମନ୍ତରାୟ, ମମତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଲୁଟ୍ ମୋବାଇଲ ବିକ୍ରି ବେଳେ ଯୁବକ ଗିରଫ

ଭୁବନେଶ୍ୱର,୬।୮(ସତ୍ୟଜିତ୍ ରାଉତ)

୮ ମୋବାଇଲ ଜବତ

ଲୁଟ୍ ତଥା ଚୋରା ମୋବାଇଲ ଫୋନ୍‌କୁ ବିକ୍ରି କରିବା ବେଳେ ଜଣେ ଯୁବକଙ୍କୁ ମଙ୍ଗଳବାର ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ୟୁନିଟ-୩ ସତ୍ୟନଗରରେ ରହୁଥିବା ଅନୁଗୋଳ ଜିଲା ବନ୍ତଳ ଥାନା ଅଞ୍ଚଳର ଶିବ ପ୍ରସାଦ ସାହୁ (୪୦)। ତାଙ୍କଠାରୁ ପୋଲିସ ୮ଟି ମୋବାଇଲ ଜବତ କରିଛି। କୋର୍ଟ ଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୟୁନିଟ୍-୩ ଅଞ୍ଚଳର ଏକ ହୋଟେଲ ସମ୍ମୁଖରେ ମୋବାଇଲ ଫୋନଗୁଡ଼ିକୁ କମ୍ ଦାମ୍‌ରେ ବିକ୍ରି କରିବା ପାଇଁ ଶିବପ୍ରସାଦ ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଶିବପ୍ରସାଦ ଜଣେ ଅପରିଚିତ ଯୁବକଙ୍କ ନିକଟରୁ ଉକ୍ତ ମୋବାଇଲଗୁଡ଼ିକୁ କମ୍ ଦାମରେ କିଣିଥିବା ପୋଲିସକୁ କହିଛନ୍ତି। ଶିବପ୍ରସାଦଙ୍କ ନାମରେ ପୂର୍ବରୁ ଭୁବନେଶ୍ୱର ଜିଆର୍‌ପି ଥାନାରେ ଦୁଇଟି ଚୋରି ମାମଲା ରହିଥିବା ପୋଲିସ କହିଛି।

## ଘରେ ପଶିଲା ବର୍ଷାପାଣି, ଚିନ୍ତାରେ ପରିବାର

ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନାହିଁ

କଳାପଥର,୬।୮(ଗଙ୍ଗାଧର ସାହୁ)


ଗାଁ ଦାଣ୍ଡରେ ବର୍ଷାପାଣି ଜମି ରହିବା ସହ ଲୋକଙ୍କ ଘରେ ପଶିଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ତେବେ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ମାଳିସାହିରେ ଲୋକଙ୍କ ଘରେ ପାଣି ପଶିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। କେତେଜଣ ଗ୍ରାମବାସୀ ଘରମୁହଁରେ ବାଲିବସ୍ତା ଦେଇ ଜଗି ରହିଛନ୍ତି। ଏପରିକି ଲୋକଙ୍କ ବାରିରେ ହୋଇଥିବା ଫସଲ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଦାଶରଥି ମହାପାତ୍ର, ତ୍ରିନାଥ ମହାପାତ୍ର, ମୋହନ ମହାପାତ୍ର, ଗୋପାଳ ଚନ୍ଦ୍ର ସାହୁ, ବିଶ୍ୱନାଥ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଦଣ୍ଡପାଣି ମହାପାତ୍ର, ବିରଞ୍ଚି ସେଠୀ, ବିଜୟ ମହାପାତ୍ର ପ୍ରମୁଖଙ୍କ ଘରେ ପାଣି ପଶିଯିବାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକ ସହଯୋଗ କରିବାକୁ ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି ଓ ଗ୍ରାମବାସୀ ଦାବି କରିଛନ୍ତି।

## ପୁରୁଣା ସ୍ମୃତି ମନେପକାଇଲେ

ଜଟଣୀ,୬।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ନିକଟ ଗୋଡିପୁଟମାଟିଆପଡା ପଞ୍ଚାୟତ ଅଧୀନ ହରିପୁର ଗ୍ରାମସ୍ଥିତ ହରିପୁର ଜନତା ମଧ ଇଂରାଜୀ ବିଦ୍ୟାଳୟର ୧୯୭୩ମସିହା ବ୍ୟାଚର ସହପାଠୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଐତିହାସିକ ଅରାଗଡ଼ ପାହାଡରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ କୁମାର ବଳିଆରସିଂ, ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ରେଲୱେ କର୍ମଚାରୀ ସର୍ବେଶ୍ୱର ଶତ୍ରୁସାଲ, କୈଳାସ ମଲ୍ଲିକ, ରଘୁନାଥ ଦାସ, ଉଦ୍ଧବ ସାମନ୍ତରାୟ, ଲକ୍ଷ୍ମୀଧର ଚମ୍ପତି, ବାବୁଲି ଚମ୍ପତି, ଟୁକ ଚମ୍ପତି, ଅକ୍ଷୟ ବେହେରା, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବ୍ୟାଚର ସହପାଠୀମାନେ ପୁରୁଣା ସ୍ମୃତିକୁ ମନେପକାଇଥିଲେ।

## ପାଣି ପାଇପ୍ ଚୋରି କରୁଥିବା ବେଳେ ଧରିଲେ ଲୋକେ

## ଟ୍ରକ୍ ଜବତ, ୨ ଅଟକ

ବେଗୁନିଆ,୬।୮
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମରୁ ପାଣି ପାଇପ୍ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଦୁଇ ଲୁଟେରା ଧରାପଡିଛନ୍ତି। ଏହି ଘଟଣାରେ ପୋଲିସ ଚୋରା ପାଇପ ବୋଝେଇ ଟ୍ରକକୁ ଜବତ କରିବା ସହ ସମ୍ପୃକ୍ତ ୨ ଲୁଟେରାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ସିମୋର ଗ୍ରାମକୁ ମେଗା ପାନୀୟଜଳ ଯୋଗାଣ ନିମନ୍ତେ ଦୀର୍ଘ ଦିନ ହେବ ପାଇପ ଗଚ୍ଛିତ ହୋଇ ଏଣେତେଣେ ପଡିରହିଛି। ଟାଙ୍ଗୀସାହି ନିକଟରେ ପଡିରହିଥିବା ପାଇପକୁ ସୋମବାର ରାତି ପ୍ରାୟ ୩ଟାରେ ଲୁଟେରାମାନେ ଚୋରି କରୁଥିଲେ। ଏକ ଟ୍ରକ୍ (ଏମଏଚ ୧୯ ସିୱାଇ ୯୭୭୫)ରେ ପାଇପଗୁଡ଼ିକୁ ବୋଝେଇ କରୁଥିବା ବେଳେ ସ୍ଥାନୀୟ ଲୋକେ ଜାଣିପାରି ପହଞ୍ଚିଥିଲେ। ହେଲେ ୩ରୁ ଅଧିକ ଲୁଟେରା ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିବା ସହ ବୋଝେଇ ଟ୍ରକକୁ ଜବତ କରି ପୋଲିସ ଜିମା ଦେଇଥିଲେ।

## ରାଜପଥରେ ଖାଲ, ଲୋକେ ହଇରାଣ

ବେଗୁନିଆ,୬।୮(ସନ୍ଧ୍ୟାରାଣୀ ମିଶ୍ର)



ବାଘମାରୀ-କଣ୍ଟିଲୋ ୪୮ନମ୍ବର ରାଜ୍ୟ ରାଜପଥ ଓ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାରରେ ଉଭୟ ରାଜପଥର ସମ୍ମିଶ୍ରଣ ସ୍ଥଳରେ ପାଣି ଜମି ରହିବାରୁ ଖାଲ ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ବସ, ଭାରି ଏବଂ ଲଘୁଯାନ, ପଥଚାରୀ, ସାଇକେଲ ଆରୋହୀ ଯାତାୟାତ କରିଥାନ୍ତି। ଏଠାରେ ଖାଲ ହୋଇଥିବାରୁ ଯାନବାହନ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ପ୍ରଶାସନ ପକ୍ଷରୁ ବାରମ୍ବାର ରାସ୍ତାର ମରାମତି କାର୍ଯ୍ୟ କରାଯାଉଥିବା ବେଳେ ଏହି ସ୍ଥାନ ପ୍ରତି କାହାର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ବାଘମାରି-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ଗୋବିନ୍ଦପୁର ଛକଠାରେ ପ୍ରତି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଜଳଯୋଗାଣ ପାଇଁ ଖୋଳି ପାଣି ପାଇପ କାର୍ଯ୍ୟ ହୋଇଥିବାବେଳେ ବର୍ଷା ଯୋଗୁ ରାସ୍ତା ଦବିଯାଇ ଖାଲ ହୋଇଯାଇଛି। ସେଠାରେ ମାଟି ପକାଇ ଖାଲ ପୋତାଯାଉଛି। ସମ୍ପୃକ୍ତ ରାସ୍ତାର ତୁରନ୍ତ ମରାମତି କରିବାକୁ କଂଗ୍ରେସର ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ସାମ୍ବାଦିକ ଭଗବାନ ପଣ୍ଡା, ଗଣେଶ୍ୱର ମହାପାତ୍ର, ବିଜୟ କେତନ ପଣ୍ଡା, ସମାଜସେବୀ ସନ୍ତୋଷ କୁମାର ପଣ୍ଡା, ଅଶୋକ କୁମାର ପୃଷ୍ଟି, ଆଲୋକ କୁମାର ପଣ୍ଡା,ପ୍ରସନ୍ନ କୁମାର କହଲସିଂହ, ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ସୁରେଶ ଚନ୍ଦ୍ର ସେଠୀ, ବଂଶୀଧର ପାଣିଗ୍ରାହୀ, କୟୁମ ଖାନ ପ୍ରମୁଖ ଦାବି କରିଛନ୍ତି।

## ସମାଜସେବାରେ ବ୍ରତୀ ଥିଲେ ଯୋଗେନ୍ଦ୍ର

ଖୋର୍ଦ୍ଧା,୬।୮(ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସରକାରୀ ଆୟୁର୍ବେଦିକ ଡାକ୍ତର ପଦରୁ ଅବସର ପରେ ସମାଜସେବା, ଗରିବ ମେଧାବୀ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ, ସାରସ୍ୱତ ଜଗତରେ ଡା.ଯୋଗେନ୍ଦ୍ର ପଣ୍ଡା ନିଜର ସ୍ୱତନ୍ତ୍ର ପରିଚୟ ଛାଡି ଯାଇଛନ୍ତି। ତାଙ୍କ ବିୟୋଗର ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଯୋଗଦେଇ ସ୍ମୃତିଚାରଣ କରିବା ସହ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଲକ୍ଷ୍ମୀନାରାୟଣ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ଆୟୁର୍ବେଦ ଚିକିତ୍ସା ସଂଘର ପ୍ରଫେସର ଡା. ଯୋଗେନ୍ଦ୍ର ଚନ୍ଦ୍ର ରଥଙ୍କ ଆବାହକତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡାକ୍ତର ପଣ୍ଡାଙ୍କ ଜନ୍ମସ୍ଥାନ ବାଲିପାଟଣା ବ୍ଲକ ବନମାଳୀପୁର ଗ୍ରାମ ହୋଇଥିବା ବେଳେ ସେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦରେ ରହୁଥିଲେ। ତାଙ୍କ ସ୍ତ୍ରୀ ବିଜୟିନୀ ଷଡଙ୍ଗୀ ସଭାରେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ରାମଶଙ୍କର, ଶିକ୍ଷାବିତ୍ ଡ. ପତିତପାବନ ଦଳାଇ, ରବୀନ୍ଦ୍ର ନାଥ ମିଶ୍ର, ରଘୁନାଥ ଦଳବେହେରା, ଡା.ଧନେଶ୍ୱର ବଳିୟାରସିଂହ, ଡା.ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଡା.ପ୍ରଫୁଲ୍ଲ କୁମାର ମିଶ୍ର, ଅବସରପ୍ରାପ୍ତ ବିଚାରପତି ସୁରେନ୍ଦ୍ର ନାଥ ପାଢ଼ୀ, ରମାକାନ୍ତ ମିଶ୍ର, ଡ.ବୃନ୍ଦାବନ ପଣ୍ଡା, ଭୀମସେନ ପ୍ରଧାନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବ୍ରଜବନ୍ଧୁ ପଢ଼ିଆରୀ, ବାବାଜୀ ହରିଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ଦଳବେହେରା ଧନ୍ୟବାଦ ଦେଇଥିଲେ। ରାଜୀବ ଲୋଚନ ଷଡ଼ଙ୍ଗୀ, ଶରତ ଷଡ଼ଙ୍ଗୀ ଓ ପ୍ରଭାତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବା ଦର ବୃଦ୍ଧିକୁ ନେଇ ଚିନ୍ତାରେ ଖାଉଟି

ବେଗୁନିଆ,୬।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅଞ୍ଚଳରେ ପରିବା ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଳୁ ଦର କମିବାର ନାଁ ଧରୁନି। ମଙ୍ଗଳବାର ବେଗୁନିଆର କେତେକ ସ୍ଥାନରେ ଆଳୁ କେଜି ୫୦ରୁ ୬୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସେହିପରି ପିଆଜ କେଜି ୪୦ଟଙ୍କା ରହିଛି। ବେପାରୀମାନେ ଦୋକାନ ଆଗରେ ଦର ତାଲିକା ଟାଙ୍ଗୁ ନ ଥିବା ବେଳେ ମନଇଚ୍ଛା ବିକ୍ରି କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଆଳୁ ଦର ବେପାରୀ ମନଇଚ୍ଛା ନେଉଛନ୍ତି ବୋଲି କେତେଜଣ ଖାଉଟି କହିଛନ୍ତି। ବାଇଗଣ କେଜି ପିଛା ୭୦ରୁ ୮୦ଟଙ୍କା ବିକ୍ରି ହେଉଥିବା ବେଳେ କଞ୍ଚାଲଙ୍କା କିଲୋ ପିଛା ୧୫୦ରୁ ୨୦୦ଟଙ୍କାରେ ବିକ୍ରି ହେଉଛି। ବଡ଼ କାଙ୍କଡ଼ ୮୦ଟଙ୍କା ଏବଂ ଦେଶୀ କାଙ୍କଡ଼ ୩୦୦ ଟଙ୍କାରେ ବିକ୍ରି ହେଉଛି। ଝୁଡଙ୍ଗ କେଜି ୧୦୦ଟଙ୍କା, ଟମାଟୋ କେଜି ୭୦, ଜହ୍ନି କେଜି ୭୦, ପୋଟଳ କେଜି ୮୦, ଫୁଲକୋବି କେଜି ୮୦ ଏବଂ ବନ୍ଧାକୋବି କେଜି ୪୦ଟଙ୍କା, ଭେଣ୍ଡି କେଜି ୭୦ଟଙ୍କା, କାକୁଡି ୬୦ଟଙ୍କା, କଖାରୁ ୩୦ଟଙ୍କା ଏବଂ ମାଟିଆଳୁ କେଜି ୮୦ଟଙ୍କାରେ ବିକ୍ରି ହେଉଛି। କୌଣସି ପରିବା ଦର ୬୦ଟଙ୍କା ତଳକୁ ନ ଥିବାରୁ ଖାଉଟିମାନେ ୫୦୦ ଟଙ୍କାର ପରିବା ଆଣିଲେ ମଧ୍ୟ ବ୍ୟାଗ ଫୁଲ ହେଉନାହିଁ। ଶ୍ରାବଣ ମାସ ଯୋଗୁ ଖାଉଟିମାନେ ଶାକାହାରୀ ଖାଦ୍ୟ ଖାଉଥିବାରୁ ପରିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ପରିବା ଦର ଅହେତୁକ ବୃଦ୍ଧି ଯୋଗୁ ଖାଉଟିମାନେ ହଇରାଣ ହେଉଛନ୍ତି। ଦର ନିୟନ୍ତ୍ରଣ ଉପରେ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।



## ବଢୁଛି ଲୁଟ୍, ବିଶୃଙ୍ଖଳା ମାମଲା

ବେଗୁନିଆ,୬।୮(ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ଥାନା**

■ ବର୍ଷକରେ ୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ

■ ଲୁଟେରାଙ୍କ ଟେର୍ ପାଉନି ପୋଲିସ

■ ପାଟ୍ରୋଲିଂ କଡ଼ାକଡ଼ି ଦାବି

ବେଗୁନିଆ ଥାନା ଅଞ୍ଚଳରେ ଚୋରି, ଲୁଟ୍ ଓ ବିଶୃଙ୍ଖଳା ଦିନକୁ ଦିନ ବଢ଼ିଚାଲିଛି। ପ୍ରତିଦିନ କେହି ନା କେହି ଲୁଟର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଘଟଣାର ଅନୁସନ୍ଧାନ କରାଯାଇ ଖବରଦେବୁ ବୋଲି କହି ପୋଲିସ ଫେରାଇ ଦେଉଛି। ପରବର୍ତ୍ତୀ ସମୟରେ ଲୁଟ୍ କିମ୍ବା ବିଶୃଙ୍ଖଳା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରି କାର୍ଯ୍ୟାଳୟକୁ ଫେରିଯାଉଛି। ହେଲେ ଅଭିଯୋଗକାରୀ ନ୍ୟାୟ ପାଇ ପାରୁନାହାନ୍ତି। ଗତ ୧୪ ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚୋରି ଏବଂ ଆପରାଧିକ ଘଟଣା ଘଟିଥିଲେ ମଧ୍ୟ ପୋଲିସକୁ କୌଣସି ସଫଳତା ମିଳିନାହିଁ। ଫଳରେ ଅଭିଯୋଗକାରୀ ନ୍ୟାୟ ପାଇପାରୁ ନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ସନ୍ଧ୍ୟା ହେଲେ ସ୍କୁଲ ବାରଣ୍ଡା, ପରିତ୍ୟକ୍ତ ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାକଡ଼ରେ ଥିବା ନିଛାଟିଆ ସ୍ଥାନରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଏହି ଅଞ୍ଚଳରୁ ଦେଶୀ ରନ୍ଧାମଦ, ପୋଚ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ୍‌ସୁଗାର ଏବଂ ପଶ୍ଚିମ ଓଡ଼ିଶାରୁ ଗଞ୍ଜେଇ ଏହି ଥାନା ଅଞ୍ଚଳକୁ ଆସୁଥିବା ବେଳେ ବେପାର ବଢ଼ିଚାଲିଛି। ଫଳରେ ସ୍ଥାନୀୟ ଯୁବପିଢ଼ିମାନେ ନିଶା ସେବନ କରି ଚୋରି ଓ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଏହି ଥାନା ଅଧୀନ ଗେଡିଆପଲ୍ଲି ପାଟଣା, କୋଲୁହାପାଟଣା, ବଡ଼ନୁଆପଲ୍ଲି, ଗଡ଼ମାଣତୀର, ଡିଙ୍ଗର, ପରିଛଳ, ରାଉତପଡ଼ା, କେନ୍ଦୁପଲ୍ଲି, ଚଟୁଆ ଆଦି ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିଲା। ସେହିପରି ଜାତୀୟ ରାଜପଥ ଓ ଗ୍ରାମ୍ୟ ରାସ୍ତା ଉପରେ ମଧ୍ୟ ବିଗତ ଦିନରେ ବହୁ ଲୋକ ଲୁଟ୍‌ର ଶିକାର ହୋଇ ଥାନାରେ ଏତଲା ଦେଇଛନ୍ତି। ରାସ୍ତାରେ ଯାଉଥିବା ବେଳେ ଫାଇନାନ୍ସ କମ୍ପାନୀର କର୍ମଚାରୀ ଏବଂ କଲେଜ ଛାତ୍ରୀ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ଏହି ସବୁ ଅଭିଯୋଗ ପରେ ପୋଲିସ ଏକପ୍ରକାର ନୀରବଦ୍ରଷ୍ଟା ସାଜିଛି। ଅଭିଯୋଗ ପରେ କୌଣସି ସୁଫଳ ମିଳୁ ନ ଥିବାରୁ ପୋଲିସ ଉପରୁ ଆସ୍ଥା ତୁଟାଇ ଲୋକେ ଅଭିଯୋଗ କରିବାକୁ ଆଉ ଉଚିତ ମଧ୍ୟ ମଣୁନାହାନ୍ତି ବୋଲି ସ୍ଥାନୀୟ ଜନକଲ୍ୟାଣ ପ୍ରତିଷ୍ଠାନର ମୁଖ୍ୟ ଅକ୍ଷୟ ରଥ କହିଛନ୍ତି। ତେବେ ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି, ସଫଳ ନିଶ୍ଚୟ ହେବୁ।

# ଜିଆଇ ଟ୍ୟାଗ୍ ମାନ୍ୟତାରୁ ବଞ୍ଚିତ ମାଣିଆବନ୍ଧ ଶାଢ଼ି

## ଆଜି ଦଶମ ଜାତୀୟ ହସ୍ତତନ୍ତ ଦିବସ

ମାଣିଆବନ୍ଧ,୬।୮ ( ଅଖିଳ କୁମାର ସାହୁ )





ହାତବୁଣା ଶାଢ଼ି ପାଇଁ କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଛି। ଅବିଭକ୍ତ ମାଣିଆବନ୍ଧ ଗ୍ରାମରେ ଥିବା ୧୨୨୦ ପରିବାରର ୬ ହଜାର ବୁଣାକାର ଏହି ଶାଢ଼ି ପ୍ରସ୍ତୁତ କରିଥାନ୍ତି। ଏଥିସହ ବଡ଼ମ୍ବା ବ୍ଲକର ୫୬ ଗ୍ରାମ ସମେତ ଜିଲାର ତିଗିରିଆ, ବାଙ୍କୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ମାଣିଆବନ୍ଧ ଶାଢ଼ି ପ୍ରସ୍ତୁତ କରାଯାଏ। ଓଡ଼ିଶାର ଆଦିମ ଓ ସର୍ବପୁରାତନର ସ୍ୱତନ୍ତ୍ର ବହନ କରୁଥିବା ମାଣିଆବନ୍ଧ ଖଣ୍ଡୁଆ ଶାଢ଼ିକୁ ଆଜି ପର୍ଯ୍ୟନ୍ତ ଜିଆଇ ଟ୍ୟାଗ୍ ମିଳିପାରିନାହିଁ। ଐତିହାସିକ ତଥ୍ୟ ଅନୁଯାୟୀ, ଚତୁର୍ଥ ଶତାବ୍ଦୀ ବେଳକୁ ମାଣିଆବନ୍ଧ ବୁଣାକାରମାନେ ଦକ୍ଷିଣ-ପୂର୍ବ ଏସିଆ ଦେଶ ସହ ମାଣିଆବନ୍ଧୀ ଶାଢ଼ି ବ୍ୟବସାୟ କରୁଥିଲେ। ପ୍ରସିଦ୍ଧ ଚାଇନା ପରିବ୍ରାଜକ ହୁଏନ୍‌ସାଂଙ୍କ ମାଣିଆବନ୍ଧ ଗସ୍ତ ସମୟରେ ମାଣିଆବନ୍ଧ ଯୋଡ଼କୁ ବୁଣାକାରମାନେ ଗୋଟିଏ ବାଉଁଶ ନଳିରେ ଭିଡିକରି ଉପହାର ସ୍ୱରୂପ ଦେଇଥିଲେ। ଫକୀରମୋହନ ସେନାପତିଙ୍କ ଛଅ ମାଣ ଆଠ ଗୁଣ୍ଠ, ପେଟେଣ୍ଟ ମେଡିସିନ ଆଦି ଉପନ୍ୟାସ ସହ ଓଡ଼ିଶାର ବହୁ ଲେଖକ ଓ କବିଙ୍କର କୃତିରେ ମାଣିଆବନ୍ଧ ହସ୍ତତନ୍ତ ସମ୍ବନ୍ଧରେ ଉଲ୍ଲେଖ ରହିଛି।

ମାଣିଆବନ୍ଧ ଭଳି ହାତବୁଣା ଶାଢ଼ି ପ୍ରସ୍ତୁତି ପାଇଁ ନଳୀ, ବବିନିଠାରୁ ଆରମ୍ଭ କରି ବାନ୍ଧ ବନ୍ଧା, ରଙ୍ଗ କାମ ଇତ୍ୟାଦି ଜଣେ ବୁଣାକାର କରୁଥିବାବେଳେ ମାଣିଆବନ୍ଧରେ ଏହାକୁ ପାଞ୍ଚଟି ଅଲଗା ଗୋଷ୍ଠୀ କରିଥାନ୍ତି। ଫଳରେ କମ୍ ସମୟ ମଧ୍ୟରେ ଉନ୍ନତ ମାନର ଅଧିକ ଶାଢ଼ି ଉତ୍ପାଦିତ ହୋଇଥାଏ। ପୂର୍ବରୁ ଏଠାରେ ରଙ୍ଗଶାଢ଼ି, ବଉଳ ପାଟ, ଖଣ୍ଡୁଆ, ଚୁଡ଼ି, ପାଇପିନ ଆଦି ଶାଢ଼ି ଉତ୍ପାଦିତ ହେଉଥିବା ବେଳେ ବର୍ତ୍ତମାନ ଦେହବାନ୍ଧ, ସ୍କଟ, ରେଖା, ଖଣ୍ଡୁଆ, ଝରଣା, କାର୍ଗିଲ, କୁମ୍ଭ, ରେଖବୁଟି ଆଦି ୫୦ ପ୍ରକାର ଉନ୍ନତମାନର ନୂତନ ଶାଢ଼ି ତିଆରି କରାଯାଉଛି। ମାଣିଆବନ୍ଧ ଶାଢ଼ିର ଯୋଡ଼ି ବୁଣା ପଦ୍ଧତି ଏହାର ସ୍ୱତନ୍ତ୍ରତା ପ୍ରଦର୍ଶନ କରୁଥିବାରୁ ଦେଶ ବିଦେଶରୁ ପ୍ରଶଂସା ମିଳୁଛି। ମାଣିଆବନ୍ଧର ବୁଣାକାରଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର, ରାଜ୍ୟ କ୍ଲଷ୍ଟର, ଟାଟା କ୍ଲଷ୍ଟର ଏବଂ ଏମ୍ଏସ୍ଏମ୍ଇ ବିଭାଗୀୟ କ୍ଲଷ୍ଟର କାର୍ଯ୍ୟ କରୁଛି। କେବଳ କେନ୍ଦ୍ରୀୟ କ୍ଲଷ୍ଟର ଓ ଟାଟା କ୍ଲଷ୍ଟର ମାଣିଆବନ୍ଧରେ କାର୍ଯ୍ୟ କରୁଥିବା ବେଳେ ଏମ୍ଏସ୍ଏମ୍ଇ କ୍ଲଷ୍ଟରକୁ ମାଣିଆବନ୍ଧ ବାହାରେ ରାଜନୈତିକ ଉଦ୍ଦେଶ୍ୟରେ ଅନ୍ୟ ଅଞ୍ଚଳର ବୁଣାକାରମାନଙ୍କୁ ନେଇ କାର୍ଯ୍ୟ କରୁଛି। ଅପରପକ୍ଷେ କେନ୍ଦ୍ରୀୟ କ୍ଲଷ୍ଟର ଯୋଜନାରେ ମାଣିଆବନ୍ଧରେ ଏକ ବୁଣାକାର ହାଟ ନିର୍ମିତ ହୋଇଥିଲେ ମଧ୍ୟ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ପୂର୍ଣ୍ଣାଙ୍ଗ କରାଯାଉନାହିଁ ବୋଲି କେତେଜଣ ବୁଣାକାର ନାମ ଗୋପନ ରଖି କହିଛନ୍ତି। ପୁନଶ୍ଚ କେନ୍ଦ୍ରୀୟ କ୍ଲଷ୍ଟରରେ ୧୦ ଲକ୍ଷ ଟଙ୍କା ବିନିଯୋଗରେ କାର୍ଯ୍ୟ କରୁଥିବା ସୂତାବ୍ୟାଙ୍କ ବୟନ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ଦୀର୍ଘ ଦିନ ଧରି ବନ୍ଦ ରହିଛି । ଏଥିଯୋଗୁ ବୁଣାକାରମାନେ ସୂତା, ରଙ୍ଗ ଓ ରାସାୟନିକ ଦ୍ରବ୍ୟ ଆଦିକୁ ସ୍ଥାନୀୟ ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଜିଆଇ ଟ୍ୟାଗ୍ ସହ କଞ୍ଚାମାଲ ପାଇଁ ସୂତାବ୍ୟାଙ୍କ ଖୋଲିବା, କଞ୍ଚାମାଲ ଓ ଉତ୍ପାଦିତ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ସହ ବୁଣାକାର ହାଟ ଖୋଲାଗଲେ ବୁଣାକାରମାନେ ଉପକୃତ ହୋଇପାରନ୍ତେ ବୋଲି ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ତଥା ବାନ୍ଧ ଶିଳ୍ପୀ ଦେବରାଜ ଦେବତା ଓ ସନ୍ଥକବିର ପୁରସ୍କାରପ୍ରାପ୍ତ ବାନ୍ଧ ଶିଳ୍ପୀ ଶ୍ୟାମ ସୁନ୍ଦର କରଣ ମତ ପ୍ରକାଶ କରିଛନ୍ତି ।

# ଆଜି ପ୍ରବଳ ବର୍ଷା ସମ୍ଭାବନା

## ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୬।୮ (ଅନୁରାଧା ମହାରଣା)

ସାରା ରାଜ୍ୟରେ ମଙ୍ଗଳବାର ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଗତ ୧୨ ଘଣ୍ଟା ମଧ୍ୟରେ ବଲାଙ୍ଗୀରରେ ସର୍ବାଧିକ ୯୨.୨ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡିରେ ୬୧.୨ ମିମି, ଅନୁଗୋଳରେ ୬୦ମିମି, ବୌଦ୍ଧରେ ୫୭ ମିମି, ଦାରିଙ୍ଗବାଡ଼ିରେ ୪୪ ମିମି ଏବଂ ନୟାଗଡ଼ରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। କଟକ ଓ ଭୁବନେଶ୍ୱରରେ ମଧ୍ୟ ଦିନସାରା ମେଘୁଆ ପାଗ ରହିବା ସହ ଅସରାଏକୁ ଅସରାଏ ବର୍ଷା ହୋଇଥିଲା। ବୁଧବାର ରାଜ୍ୟରେ ବର୍ଷା ଲାଗିରହିବାକୁ ଥିବାବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପ୍ରାୟ ୧୦ଟି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଟକ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଗଜପତି ଆଦି ରହିଛି। ଏଠାରେ ପ୍ରାୟ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ପ୍ରବଳ ବର୍ଷା ନେଇ ୧୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକ ମଧ୍ୟରେ ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର, ସୁବର୍ଣ୍ଣପୁର, କେନ୍ଦ୍ରପଡ଼ା, ଦେବଗଡ଼, କନ୍ଧମାଳ ଓ ଗଞ୍ଜାମ ଆଦି ରହିଛି। ପ୍ରାୟ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।



ସ୍ୱାଧୀନତା ଦିବସ ପାଇଁ କଟକ ଚୌଧୁରୀ ବଜାର ଅଞ୍ଚଳର ଏକ ଦୋକାନରୁ ଗ୍ରାହକ ଜାତୀୟ ପତାକା କିଣୁଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

# କେନାଲ ବନ୍ଧ କାମବେଳେ ୧୧ କେଭି ବିଦ୍ୟୁତ୍ ତାର ଆଘାତରେ ୯ ଶ୍ରମିକ ଆହତ

ଡେଲାଙ୍ଗ,୬।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଚାଇଁପୁର ଗ୍ରାମପଞ୍ଚାୟତରେ କଣ୍ଟି ମାଇନର ତଥା କେନାଲ ବନ୍ଧ ଢଳେଇ କାମ ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ଗଉଡ଼କେରା ଗ୍ରାମର ତୋଫାନ ମୁଦୁଲି, ଲୁଣୁ ଗୁଡିଆ ଗ୍ରାମର କୁରୁପା ସ୍ୱାଇଁ, ମଡିମଲ୍ଲ ନୂଆ ଶାସନର ଶରତ କୁମାର। ଏମାନଙ୍କ ହାତ ଓ ଗୋଡ଼ ବିଦ୍ୟୁତ୍ ଆଘାତରେ କଳା ପଡ଼ିଯାଇଛି। ସମସ୍ତଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଚାଇଁପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସନ୍ନିକଟ ତଥା ତାରେଣୀ ଛକଠାରୁ ଗଡ଼ମୋଟରୀ ରାସ୍ତାକୁ ସଂଯୋଗ କରୁଥିବା କେନାଲ ବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏହି କେନାଲ ବନ୍ଧ ରାସ୍ତାର ୫ଶହ ମିଟର କାର୍ଯ୍ୟ ଶେଷ ହୋଇଥିବାବେଳେ ଅବଶିଷ୍ଟ କାର୍ଯ୍ୟ ପାଇଁ ଶ୍ରମିକମାନେ ଢଳେଇ ମିକ୍ସର ମେଶିନ୍‌କୁ ଟାଣିଟାଣି ନେଉଥିଲେ। ଏହି କେନାଲର ବାମ ପାର୍ଶ୍ୱବନ୍ଧ କାମ ହେଉଥିବାବେଳେ ବନ୍ଧରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ରହିଛି। ମେଶିନ୍ ଟାଣିନେବା ସମୟରେ ବନ୍ଧ ଉପରେ ଯାଇଥିବା ବିଦ୍ୟୁତ୍ ତାର ଏହି ମେଶିନ୍ ସଂସ୍ପର୍ଶରେ ଆସିଥିଲା। ଫଳରେ ଶ୍ରମିକଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଥିଲେ। ଅନ୍ୟ ୬ ଜଣ ବିଦ୍ୟୁତ୍ ଆଘାତ ପାଇ ଦୂରକୁ ଛିଟିକି ପଡ଼ିଥିଲେ। ଏନେଇ କଣ୍ଟି ମାଇନର ବିଭାଗୀୟ ଯନ୍ତ୍ରୀ ହିମାଂଶୁ ମାନ୍ଧାତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଡାକ୍ତର ସ୍ୱାଧୀନ ପଣ୍ଡାଙ୍କୁ ଖୋଜା ଚାଲିଛି

ଭୁବନେଶ୍ୱର,୬।୮ (ଅସମାପିକା ସାହୁ)

- ୱାୟନାଡ୍ ଭୂସ୍ଖଳନ ଘଟଣାରେ ଏବେ ବି ନିଖୋଜ
- ଡିଏନ୍ଏ ଟେଷ୍ଟ ପାଇଁ ରକ୍ତ ଦେଲେ ଭଉଣୀ

ୱାୟନାଡ୍ ଭୂସ୍ଖଳନ ଘଟଣାରେ ଏବେ ବି ଓଡ଼ିଶାର ଡାକ୍ତର ସ୍ୱାଧୀନ ପଣ୍ଡା ନିଖୋଜ ଅଛନ୍ତି। ତାଙ୍କର ଏଯାବତ୍ ସନ୍ଧାନ ମିଳି ନ ଥିବାରୁ ଓଡ଼ିଶା ସରକାର ତଥା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ତରଫରୁ ନିରନ୍ତର ଖୋଜିବା ପ୍ରୟାସ ଜାରି ରହିଛି। ତାଙ୍କର ସନ୍ଧାନ ପାଇଁ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କେରଳ ଗସ୍ତ କରିଛନ୍ତି। ପ୍ରୀତିଶ ଡାକ୍ତର ପଣ୍ଡାଙ୍କ ସନ୍ଧାନ ଲାଗି କେରଳ ସରକାର ଓ ସ୍ଥାନୀୟ ପ୍ରଶାସନ ସହ ନିରନ୍ତର ଯୋଗାଯୋଗ କରି ଏ ସମ୍ପର୍କିତ ରିପୋର୍ଟ ଓଡ଼ିଶା ସରକାରଙ୍କୁ ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଡାକ୍ତର ପଣ୍ଡାଙ୍କ ଭଉଣୀ ଡିଏନ୍ଏ ଟେଷ୍ଟ ପାଇଁ ରକ୍ତ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦିଲୀପ ରାଉତରାଏ କେରଳ ଗସ୍ତ କରିଥିଲେ। ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ପୀଡ଼ିତମାନଙ୍କୁ ସମସ୍ତ ସାହାଯ୍ୟ ଓ ସୁବିଧା ଯୋଗାଇ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର ଓ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପ୍ରୟାସରେ ଡା. ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଓଡ଼ିଶାକୁ ଫେରିଆସିଛି। ଡା. ଚିନାରାଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ବିମାନ ଯୋଗେ ଓଡ଼ିଶାକୁ ଫେରିଆସିଛନ୍ତି। ପୀଡ଼ିତା ଡାକ୍ତର ସ୍ୱୀକୃତି ମହାପାତ୍ର ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ପୀଡ଼ିତମାନଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରାଉତରାଏ କହିଛନ୍ତି, ପୀଡ଼ିତମାନଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ସେମାନଙ୍କ ସହାୟତା ଓ ଥଇଥାନ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଅଦ୍ୟାବଧି ୪ ଓଡ଼ିଆ ପୀଡ଼ିତଙ୍କ ମଧ୍ୟରୁ ଡାକ୍ତର ପଣ୍ଡାଙ୍କ ସନ୍ଧାନ ପାଇଁ ଆମ ତରଫରୁ ନିରନ୍ତର ପ୍ରୟାସ ଜାରି ରହିଛି।

# ଶ୍ୱଶୁରଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ଗୋପ,୬।୮ (ଭାରତୀ ଭୂଷଣ ଉପାଧ୍ୟାୟ)

କୌଣସି ଘଟଣାକୁ ନେଇ ସୋମବାର ବିଳମ୍ବିତ ରାତ୍ରରେ ଗୋପ ଥାନା ସୁବର୍ଣ୍ଣପୁର ପାତ୍ର ସାହି ଗ୍ରାମରେ ଶ୍ୱଶୁର ଘରକୁ ବୁଲି ଆସିଥିବା ଜ୍ୱାଇଁ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଯୁବକ ହେଲେ ଡେଲାଙ୍ଗ ଥାନା ଅଧୀନ ମରିଜିପୁର ଗ୍ରାମର ପ୍ରକାଶ ଚନ୍ଦ୍ର ପାତ୍ର (୪୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପ୍ରକାଶ ୧୫ ଦିନ ତଳେ ସ୍ତ୍ରୀ ଲିଜା ପାତ୍ରଙ୍କୁ ନେଇ ଶ୍ୱଶୁର ଘରକୁ ବୁଲି ଆସିଥିଲେ। ସୋମବାର ରାତ୍ରରେ ଖାଇ ପିଇ ଶୋଇବା ପରେ ଘର ନିକଟ ଏକ ଆମ୍ବ ଗଛରେ ଗାମୁଛା ସାହାଯ୍ୟରେ ପ୍ରକାଶ ଆତ୍ମହତ୍ୟା କରିଥିବା ଲିଜା ଅଭିଯୋଗ କରିଛନ୍ତି। ପ୍ରକାଶଙ୍କ ମୁଣ୍ଡ ଖରାପ ଥିବା ସହିତ ସବୁ ସମୟରେ ନିଶାପାନ କରୁଥିବା ଲିଜା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରକାଶ ବାରମ୍ବାର ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବାବେଳେ ତାଙ୍କ ଭଉଣୀ ଓ ବୋଉ ଆତ୍ମହତ୍ୟା କରିଥିବା ମଧ୍ୟ ଲିଜା ପାତ୍ର କହିଛନ୍ତି।

# ମାଛଧରା ବୋଟ୍‌କୁ ବିପଦ: ଟାଳିବା ପାଇଁ ଆସିଲା ଇସ୍ରୋ ଟ୍ରାନ୍ସପଣ୍ଡର

ପାରାଦୀପ,୬।୮ (ଶରତ ରାଉତ)

ସମୁଦ୍ରରେ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଏବେ ଟ୍ରାନ୍ସପଣ୍ଡର ବ୍ୟବହାର ହେବ। ଏହି ଟ୍ରାନ୍ସପଣ୍ଡର ଇସ୍ରୋ ଜ୍ଞାନ କୌଶଳରେ ନିର୍ମିତ ହୋଇଛି। ଏ ନେଇ ମଙ୍ଗଳବାର ମାଛଧରା ବନ୍ଦର ପରିସରରେ ସିଫନେଟ, ମତ୍ସ୍ୟ ବିଭାଗ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିସହ ଟ୍ରାନ୍ସପୋଣ୍ଡରର ପରୀକ୍ଷାମୂଳକ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ମତ୍ସ୍ୟ ବିଭାଗରେ କାର୍ଯ୍ୟ କରୁଥିବା ସାଗରମିତ୍ର କର୍ମଚାରୀ, ବୋଟ୍ ମାଲିକ, ମତ୍ସ୍ୟଜୀବୀ, ପ୍ରମୁଖ ସାମିଲ ହୋଇଥିଲେ। ସିଫ୍‌ନେଟ ଉପନିର୍ଦ୍ଦେଶକ ବିଶାଖାପାଟଣାର ହୃଷୀକେଶ ବିଶୋଇ, ରାଜ୍ୟ ମତ୍ସ୍ୟ ବିଭାଗ ଡେପୁଟି ଡାଇରେକ୍ଟର ବବିତା ମାହୁନ୍ତ, ଜିଲା ମତ୍ସ୍ୟ ଅଧିକାରୀ ରେଶ୍ମାରାଣୀ ସିଂହ, କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ମହାପାତ୍ର , ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ଫା) ସଭାପତି



ସିଫ୍‌ନେଟ୍‌ର କର୍ମଚାରୀ ଟ୍ରାନ୍ସପଣ୍ଡର ବ୍ୟବହାର ସମ୍ପର୍କରେ ମତ୍ସ୍ୟଜୀବୀମାନଙ୍କୁ ବୁଝାଉଛନ୍ତି।

ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଇସ୍ରୋର ବୈଜ୍ଞାନିକ ଭାବନା ଓ ପ୍ରତ୍ୟୁଷ ଆଭାସୀ ଜରିଆରେ ଟ୍ରାନ୍ସପୋଣ୍ଡର ସମ୍ପର୍କରେ ସୂଚନା ଦେଇଥିଲେ।

ଏ ସମ୍ପର୍କରେ ସିଫ୍‌ନେଟ ଉପନିର୍ଦ୍ଦେଶକ ବିଶୋଇ କହିଥିଲେ, ଏହା ସମୁଦ୍ରରେ ମତ୍ସ୍ୟଜୀବୀଙ୍କୁ ଅନେକ ସାହାଯ୍ୟ କରିବ। ଯେମିତି ପାଣି ଉପରେ ପକ୍ଷୀ ଉଡିଲେ ମାଛଥିବା ସମ୍ପର୍କରେ ମତ୍ସ୍ୟଜୀବୀମାନେ ଆକଳନ କରିଥାନ୍ତି ସେହିଭଳି ଡାଟାରେ ଏହା ତିଆରି ହୋଇଛି। ଏହା ମାଛଥିବା ଅଞ୍ଚଳ ଚିହ୍ନଟ କରିପାରିବ। ଯେକୌଣସି ବିପଦ ସଙ୍କେତ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ। ବୋଟ୍ ବିପଦରେ ପଡିଲେ ଟ୍ରାନ୍ସପଣ୍ଡରରେ ଥିବା ନାଲି ବଟମ ଚିପିଲେ ତାହା ସାଟେଲାଇଟ ଜରିଆରେ ମତ୍ସ୍ୟ ବିଭାଗ, କୋଷ୍ଟଗାର୍ଡ ଭଳି ସୁରକ୍ଷା ସଂସ୍ଥାକୁ ସୂଚନା ଦେଇପାରିବ। ଏହାପରେ ସେହି ସ୍ଥାନକୁ ସହଜରେ ଚିହ୍ନଟ କରାଯାଇପାରିବ। ଏଥିପାଇଁ ସ୍ମାର୍ଟ ମୋବାଇଲ ଆବଶ୍ୟକ। ନେଟ୍‌ୱର୍କ ନ ରହିଲେ ମଧ୍ୟ ବ୍ଲୁ ଟୁଥ ଜରିଆରେ ସାଟେଲାଇଟ ସହ ସମ୍ପର୍କ କରାଯାଇପାରିବ। ଉକ୍ତ ମେଶିନ ବୋଟ୍ ଇଞ୍ଜିନ ସହ ଥିବା ବିଦ୍ୟୁତ୍ ଜରିଆରେ ଚାଲିବ। ଇଞ୍ଜିନ ବନ୍ଦ ହେଲେ ତାହା ୨୪ ଘଣ୍ଟା କାର୍ଯ୍ୟ କରିବ। ଉକ୍ତ ଟ୍ରାନ୍ସପଣ୍ଡର ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା କୁହାଯାଇନାହିଁ। ସବ୍‌ସିଡି ଜରିଆରେ ବୋଟ ମାଲିକମାନଙ୍କୁ ଦିଆଯିବ। ଏ ସମ୍ପର୍କରେ ଓମ୍ଫା ସଭାପତି ପରିଡା କୁହନ୍ତି ଆମେ ଆଦୌ ଟଙ୍କା ଦେବୁନାହିଁ। ୨୦୧୭ରେ ଇସ୍ରୋ ଦ୍ୱାରା ନିର୍ମିତ ଡିଏଟି (ଡିଷ୍ଟ୍ରେସ ଆଲର୍ଟ ଟ୍ରାନ୍ସମିଟର) ବୋଟ୍‌ରେ ଲଗାଯାଇଥିଲା। ସେତେବେଳେ ମଧ୍ୟ ଏହିଭଳି ସୁବିଧା ଅଛି ବୋଲି କୁହାଯାଇଥିଲା। ପ୍ରାୟ ୨୦୦ରୁ ଅଧିକ ବୋଟ୍‌ରେ ତାହା ଲାଗିଥିଲା। କିନ୍ତୁ ମାସେ ୨ ମାସ ମଧ୍ୟରେ ତାହା ପିଲାଙ୍କ ଖେଳନା ପାଲଟି ଯାଇଥିଲା। କାରଣ କୌଣସି ଟେକ୍ନୋଲୋଜି ସମୁଦ୍ର ଭିତରେ କାମ କରି ନ ଥିଲା। ଏବେ ପୁଣି ନୂଆ ରୂପରେ ଏହା ଲଗାଇବା ପାଇଁ ପରାମର୍ଶ ଦିଆଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆକାଶ



@ ଅମରେନ୍ଦ୍ର



@ କିଶୋର



@ ସୂର୍ଯ୍ୟସ୍ୱାତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯକୃତ ସମସ୍ୟାରେ ପୀଡ଼ିତ ନାବାଳିକାଙ୍କ ପ୍ଲାଜ୍‌ମା ଏକ୍ସଚେଞ୍ଜ ଦ୍ୱାରା ସଫଳ ଚିକିତ୍ସା



ଭୁବନେଶ୍ୱର, ୬।୮ (ଅସମାପିକା ସାହୁ)

ଯକୃତ ନଷ୍ଟ ହୋଇ ଗୁରୁତର ହୋଇପଡ଼ିଥିବା ଜଣେ ୯ବର୍ଷୀୟା ନାବାଳିକାଙ୍କୁ ପ୍ଲାଜ୍‌ମା ଏକ୍ସଚେଞ୍ଜ ଚିକିତ୍ସା ମାଧ୍ୟମରେ ସମ୍ ଅଲ୍ଟିମେଟ ମେଡିକେୟାର (ସମମ୍)ର ଚିକିତ୍ସକମାନେ ସମ୍ପୂର୍ଣ୍ଣ ସୁସ୍ଥ କରିପାରିଛନ୍ତି। ବାହ୍ୟ ସଂକ୍ରମଣ ଯୋଗୁ ଜଣ୍ଡିସ୍‌ରେ ପୀଡ଼ିତ ଏହି ବାଳିକା ଅସୁସ୍ଥ ଅବସ୍ଥାରେ ସମମ୍‌ର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ସିନିୟର କନସଲଟାଣ୍ଟ ତଥା ବିଭାଗୀୟ ମୁଖ୍ୟ ଡା. ଅୟସକାନ୍ତ ସିଂହଙ୍କ ଅଧୀନରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ହସ୍ପିଟାଲର ଶିଶୁରୋଗ ବିଭାଗ ମୁଖ୍ୟ ଡା. ପ୍ରଦୀପ କୁମାର ଦେଙ୍କ ଅଧୀନକୁ ଅଣାଯାଇ ଏନ୍ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ନାବାଳିକା ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଡାକ୍ତରୀ ଟିମ୍ ତାଙ୍କ ପ୍ଲାଜ୍‌ମା ଏକ୍ସଚେଞ୍ଜ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏହାକୁ ଲିଭର ଡାଏଲିସିସ ମଧ୍ୟ କୁହାଯାଇଥାଏ। ଏହି କ୍ଷେତ୍ରରେ ଯକୃତ ପ୍ରତ୍ୟାରୋପଣ ସମ୍ଭବ ନ ଥିବାରୁ ପ୍ଲାଜ୍‌ମା ଏକ୍ସଚେଞ୍ଜ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏହି ଚିକିତ୍ସା ପ୍ରକ୍ରିୟାର ନେତୃତ୍ୱ ନେଇଥିବା ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଆସୋସିଏଟ୍ କନ୍ସଲଟାଣ୍ଟ ଡା. ଗଦାଧର ପଣ୍ଡା କହିଛନ୍ତି। ଏଭଳି ସମସ୍ୟା କ୍ଷେତ୍ରରେ ରୋଗୀର ମୃତ୍ୟୁହାର ପ୍ରାୟ ୯୦ ପ୍ରତିଶତ ହୋଇଥାଏ ବୋଲି ଡାକ୍ତର ପ୍ରଦୀପ କୁମାର କହିଛନ୍ତି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଆସୋସିଏଟ କନ୍‌ସଲଟାଣ୍ଟ ଡା. ସମ୍ବିତ ଭୂୟାଁ ଏହାକୁ ଏକ ଜଟିଳ ପ୍ରକ୍ରିୟା କହିଥିବାବେଳେ ବାଳିକାଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି କହିଛନ୍ତି। ସେହିପରି ପ୍ଲାଜ୍‌ମା ଏକ୍ସଚେଞ୍ଜ ଏକ ଜଟିଳ ପ୍ରକ୍ରିୟା ବୋଲି ଡା. ସିଂହ ସୂଚନା ଦେଇଥିଲେ।

ପ୍ଲାଜ୍‌ମା ଏକ୍ସଚେଞ୍ଜର ୪ଟି ପର୍ଯ୍ୟାୟ ଚିକିତ୍ସା ପରେ ବାଳିକା ଜଣକ ଧୀରେ ଧୀରେ ସୁସ୍ଥ ହୋଇଥିଲେ ଏବଂ ତାଙ୍କ ଯକୃତ ମଧ୍ୟ ଠିକ ଭାବେ କାମ କରିବା ଆରମ୍ଭ କରିଥିଲା। ସୁସ୍ଥ ହେବା ପରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଛି। ବର୍ତ୍ତମାନ ସେ ଖାଦ୍ୟ ଗ୍ରହଣ କରିବାରେ ସକ୍ଷମ ହୋଇପାରୁଛନ୍ତି ବୋଲି ଡା. ପଣ୍ଡା କହିଛନ୍ତି। ନିଜ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସମ୍ମମ୍‌ର ଚିକିତ୍ସା ପଦ୍ଧତି ଓ ଚିକିତ୍ସକଙ୍କୁ ସମ୍ପୃକ୍ତ ବାଳିକାଙ୍କ ବାପା ମହମ୍ମଦ ନସିମ କୃତଜ୍ଞତା ଜଣାଇଛନ୍ତି। ଅସୁସ୍ଥ ଝିଅକୁ ଧରି ଅନେକ ହସ୍ପିଟାଲ ବୁଲିଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରିନଥିଲା। ସମ୍ମମ୍‌ରେ ଡାକ୍ତରମାନଙ୍କ ଦ୍ୱାରା ପ୍ରକୃତ ରୋଗ ନିରୂପଣ କରାଯିବା ସହ ଉତ୍ତମ ଚିକିତ୍ସା ପଦ୍ଧତି ଯୋଗୁ ହିଁ ତାଙ୍କ ଝିଅର ଜୀବନ ରକ୍ଷା ହୋଇପାରିଲା ବୋଲି ନସିମ କହିଛନ୍ତି।

**ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର**

ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ମାହାଙ୍ଗା ଥାନା ଅନ୍ତର୍ଗତ କଉଡ଼ିକୋଲ ନିକଟରେ ମଙ୍ଗଳବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ମୃତକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ବରଅଠା ଗ୍ରାମର ଶୁଭମ ସିଂହ(୨୮) ଓ ତାଙ୍କ ସମ୍ପର୍କୀୟ ଭଉଣୀ କଳ୍ପନା ସିଂହ (୧୪)। ଗୁରୁତର ହେଲେ ସେହିଗ୍ରାମର କୃପାସିନ୍ଧୁ ସିଂହ(୨୮)। ଏହି ଘଟଣାପରେ ସେଠାରେ ଉତ୍ତେଜନା ଲାଗି ରହିଛି।



# ପ୍ରସ୍ତୁତ ହେବ ଭିଜନ ଡକ୍ୟୁମେଣ୍ଟ ୨୦୩୬, ୨୦୪୭

## ମୁଖ୍ୟମନ୍ତ୍ରୀଙ୍କ ସହ ନୀତି ଆୟୋଗ ସିଇଓଙ୍କ ଆଲୋଚନା

ଭୁବନେଶ୍ୱର,୬।୮(ଅନିଲ ଦାସ)

ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନୀତି ଆୟୋଗ ଆଗେଇ ଆସିଛି। ମଙ୍ଗଳବାର ଲୋକସେବା ଭବନରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବି.ଭି.ଆର ସୁବ୍ରମଣିୟମ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶା ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ଭିଜନ ଡକ୍ୟୁମେଣ୍ଟ୨୦୪୭ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ବିକାଶର ବ୍ୟାପକ ସମ୍ଭାବନା ରହିଛି। ସମ୍ଭାବନାକୁ ସଫଳତାରେ ପରିଣତ କରିବା ଓ ଉପଯୁକ୍ତ କାର୍ଯ୍ୟାନ୍ୱୟନ ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତରେ ଓଡ଼ିଶା ଏକ ଗ୍ରୋଥ୍ ଇଞ୍ଜିନ ହେବାର ଲକ୍ଷ୍ୟ ରଖିଛି। ଏହା ପୂର୍ବରୁ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେଉଛି। ୨୦୩୬ ଓ ୨୦୪୭କୁ ଲକ୍ଷ୍ୟ ରଖି ଦୁଇଟି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ଓଡ଼ିଶା ଅର୍ଥନୀତିର ଆକାର ୧୦୦ ବିଲିଅନ୍ ଡଲାରରୁ ଅଧିକ ଅଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଓ ୨୦୪୭ ସୁଦ୍ଧା ୧.୫୦ ଟ୍ରିଲିଅନ୍ ଡଲାର ଅର୍ଥନୀତି ହାସଲ କରିବା ପାଇଁ ଓଡ଼ିଶା ଲକ୍ଷ୍ୟ ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନୀତି ଆୟୋଗର ସିଇଓ ସୁବ୍ରମଣିୟମ କହିଛନ୍ତି, ଓଡ଼ିଶାର ବିକାଶ ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି। ୨୦୪୭ର ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସବୁ ରାଜ୍ୟର ବିକାଶ ଦରକାର। ଓଡ଼ିଶା କ୍ଷେତ୍ରରେ ୨୦୩୬ ଓ ୨୦୪୭କୁ ଲକ୍ଷ୍ୟ ରଖି ଦୁଇଟି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ନୀତି ଆୟୋଗ ପୂର୍ଣ୍ଣ ସହଯୋଗ ଯୋଗାଇଦେବେ ବୋଲି ସେ କହିଛନ୍ତି।

ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠନ କରାଯିବ। ନୀତି ଆୟୋଗ ସହଯୋଗରେ ଆସନ୍ତା ୩ ମାସ ମଧ୍ୟରେ ଓଡ଼ିଶା ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ବର୍ଗର ଲୋକଙ୍କଠାରୁ ମତାମତ ମଧ୍ୟ ଗ୍ରହଣ କରାଯିବ। ଏହାର କାର୍ଯ୍ୟାନ୍ୱୟନ ପାଇଁ ସ୍ୱତନ୍ତ୍ର ପ୍ଲାନ ମଧ୍ୟ ପ୍ରସ୍ତୁତ କରାଯିବ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ନୀତି ଆୟୋଗର ସିଇଓ ଏବଂ ଅଧିକାରୀମାନେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ତଥା ସମସ୍ତ ବିଭାଗର ସଚିବମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକସେବା ଭବନରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ବି.ଭି.ଆର୍ ସୁବ୍ରମଣିୟମ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

# ନିଟ୍ ମାମଲା: ଭୁବନେଶ୍ୱରରୁ ଆଉ ଜଣେ ଗିରଫ

ଭୁବନେଶ୍ୱର,୬।୮(ସତ୍ୟଜିତ୍ ରାଉତ)

ଡାକ୍ତରୀ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍ଇଇଟି) ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୁବନେଶ୍ୱରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁଶାନ୍ତ ସାମନ୍ତ (୩୪)। ସିବିଆଇ ପକ୍ଷରୁ ଗିରଫ ଅଭିଯୁକ୍ତଙ୍କୁ ଗତ ରବିବାର ପାଟନାସ୍ଥିତ ସିବିଆଇ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ସିବିଆଇ ଅଭିଯୁକ୍ତ ସୁଶାନ୍ତଙ୍କୁ ୫ଦିନିଆ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି। ତେବେ ସୁଶାନ୍ତ ଏହି ମାମଲାରେ ମାଷ୍ଟରମାଇଣ୍ଡ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଏହି ମାମଲାରେ ଏପର୍ଯ୍ୟନ୍ତ ସିବିଆଇ ଟିମ୍ ୪୨ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୪ ଜଣ ଅଭିଯୁକ୍ତ ରହିଛନ୍ତି। ପ୍ରଥମେ ପାଟନା ପୋଲିସ ଏହି ମାମଲାର ତଦନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ସିବିଆଇ ଏହାର ତଦନ୍ତ ଭାର ନେଇଥିଲା।

# ସିବିଆଇ ଜାଲରେ ପୋଷ୍ଟାଲ ଇନ୍ସପେକ୍ଟର

ଉଦଳା,୬।୮(ସନ୍ତୋଷ କୁମାର ବାଛିନୀ)

ସାର୍ଟିଫିକେଟ କରାଇ ଦେବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମୟୂରଭଞ୍ଜ ଜିଲା ଉଦଳା ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପୃଷ୍ଟି ମଙ୍ଗଳବାର ସିବିଆଇ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଉଦଳା ପୋଷ୍ଟାଲ ସର୍କଲ ଅଧୀନ କୁଶଳଦା ପଥୁରୀକଟା ପୋଷ୍ଟ ଅଫିସରେ ମଳୟ କୁମାର ବେହେରା ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏବେ ସେ ଶିକ୍ଷକ ଚାକିରି ପାଇଛନ୍ତି। ଶିକ୍ଷକ ଚାକିରି ନିମନ୍ତେ ପୋଷ୍ଟାଲ ବିଭାଗ ପକ୍ଷରୁ ରେଜିଗନେସନ ସହିତ ପୋଷ୍ଟ ୱାର୍କ ଭେରିଫିକେଶନ ସାର୍ଟିଫିକେଟର ଆବଶ୍ୟକତା ରହିଥିଲା। ଏହି ପୋଷ୍ଟ ୱାର୍କ ଭେରିଫିକେଶନ ସାର୍ଟିଫିକେଟ ପାଇବା ପାଇଁ ପୋଷ୍ଟ ମାଷ୍ଟର ବେହେରା ଉଦଳା ପୋଷ୍ଟାଲ ଇନ୍ସପେକ୍ଟରଙ୍କ ନିକଟରେ ପହଞ୍ଚିଥିଲେ। ସାର୍ଟିଫିକେଟ ଦେବା ନିମନ୍ତେ ପୋଷ୍ଟାଲ ଇନ୍ସପେକ୍ଟର ପୃଷ୍ଟି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଉଦଳାସ୍ଥିତ ଭଡ଼ାଘରେ ଇନ୍ସପେକ୍ଟର ପୃଷ୍ଟି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଆଣ୍ଟିକରପସନ ଟିମ୍ ତାଙ୍କୁ ମାଡ଼ି ବସିଥିଲା।

# ସିଧାସଳଖ କୋର୍ଟକୁ ଯାଇ ପାରିବେନି କର୍ମଚାରୀ

## ସରକାରୀ କର୍ମଚାରୀଙ୍କ ଅଭିଯୋଗ ପାଇଁ ଜନଶୁଣାଣି ପୋର୍ଟାଲ

ଭୁବନେଶ୍ୱର,୬।୮(ଅନିଲ ଦାସ)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଜନଶୁଣାଣି ପୋର୍ଟାଲରେ ସରକାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗଗୁଡ଼ିକର ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ପେଜ୍ ପ୍ରସ୍ତୁତ କରିବେ। ଯେଉଁଥିରେ ସମସ୍ତ ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ଉପଖଣ୍ଡସ୍ତରରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ଅଧସ୍ତନ କାର୍ଯ୍ୟାଳୟ/ସ୍ତରଗୁଡ଼ିକୁ ଚିହ୍ନଟ କରିବେ। ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ, ସେବା କରୁଥିବା ଓ ଅବସରପ୍ରାପ୍ତ କର୍ମଚାରୀ ଏହି ଜନଶୁଣାଣି ପୋର୍ଟାଲରେ ନିଜର ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗ ଦାଖଲ କରିବା ପୂର୍ବରୁ ସମସ୍ତ କର୍ମଚାରୀ ଥରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ।

ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗ ସମସ୍ତ ସରକାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏଭଳି ୧୬ ଦଫା ଗାଇଡଲାଇନ୍ ଜାରି କରିଛନ୍ତି। ଜନଶୁଣାଣି ପୋର୍ଟାଲର ଉନ୍ନତୀକରଣ ପାଇଁ ଓ ସରକାରୀ କର୍ମଚାରୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଅଭିଯୋଗର ସମାଧାନ ପାଇଁ ଆନୁଷ୍ଠାନିକ ପ୍ଲାଟଫର୍ମ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଏହି ଗାଇଡଲାଇନ୍ ଜାରି କରିଛନ୍ତି।

ଏଣିକି ରାଜ୍ୟର ଉଭୟ ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରମାନେ ନିଜର ଆପତ୍ତି ଅଭିଯୋଗର ସମାଧାନ ପାଇଁ ସିଧାସଳଖ କୋର୍ଟ ଯାଇପାରିବେ ନାହିଁ। ଏପରିକି ନିଜର ନିଯୁକ୍ତି, ପଦୋନ୍ନତି, ଦେୟ ଓ ଅନ୍ୟାନ୍ୟ ସେବା ସର୍ତ୍ତ ପ୍ରସଙ୍ଗରେ କୌଣସି କର୍ତ୍ତୃପକ୍ଷଙ୍କ ଉପରେ କାହା ମାଧ୍ୟମରେ ବି ଚାପ ପକାଇ ପାରିବେ ନାହିଁ। ଯଦି କୌଣସି କର୍ମଚାରୀ ସିଧାସଳଖ କୋର୍ଟକୁ ଯାଆନ୍ତି, ତା'ହେଲେ ତାଙ୍କ ରିଟ୍ ପିଟିଶନକୁ ଖାରଜ କରିବା ପାଇଁ ସରକାର ମଧ୍ୟ କୋର୍ଟଙ୍କୁ ଅନୁରୋଧ କରିବାକୁ ପଛାଇବେ ନାହିଁ। କର୍ମଚାରୀ ଯଦି ତାଙ୍କ ସରକାରୀ ସ୍ୱାର୍ଥକୁ ଆଗକୁନେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପରେ ଯେକୌଣସି ମାଧ୍ୟମରେ ଚାପ ପକାଇବେ ତାକୁ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ବିଧି ନିୟମ-୧୯୫୯, ୨୩ର ଉଲ୍ଲଂଘନ ଭାବେ ବିବେଚନା କରାଯିବ।

# ଏସ୍ଏମ୍ଏସ୍‌ରେ ମିଳିବ ସରକାରୀ ଦେୟ ବିବରଣୀ

## ନିବନ୍ଧନ ସେବାର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ




ଭୁବନେଶ୍ୱର,୬।୮(ଅନିଲ ଦାସ)

ଉପ-ନିବନ୍ଧନ ତଥା ନିବନ୍ଧନ କାର୍ଯ୍ୟାଳୟକୁ ଜମିବାଡ଼ି ଖରିଦ ବିକ୍ରି ପାଇଁ ଆସୁଥିବା ଜନସାଧାରଣଙ୍କୁ ଏସ୍ଏମ୍ଏସ୍ ମାଧ୍ୟମରେ ସେମାନଙ୍କର ସରକାରୀ ଦେୟର ବିବରଣୀ ଜଣାଇ ଦିଆଯିବ। ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିବନ୍ଧନ ସେବା ସମ୍ପର୍କିତ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆଇନଗତ କାର୍ଯ୍ୟ ପରେ ସମସ୍ତ ଦଲିଲକୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଯିବ। ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରଚଳିତ ସର୍ବଶ୍ରେଷ୍ଠ ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ପଠାଯିବ। ନିବନ୍ଧନ ସେବାକୁ ଆହୁରି ବ୍ୟାପକ ଓ ସ୍ୱଚ୍ଛ କରିବା ନିମନ୍ତେ ଏକ ବୈଷୟିକ କମିଟି ମଧ୍ୟ ଗଠନ କରି ୧୫ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ଏଥିସହିତ ମନ୍ତ୍ରୀ ସେବା ପ୍ରଦାନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟରେ ଖିଲାପ କରୁଥିବା ନିବନ୍ଧନ କିମ୍ବା ଉପ-ନିବନ୍ଧନ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସମସ୍ତ ନିବନ୍ଧନ ସେବାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିବନ୍ଧନ ଅଧିକାରୀ ଭାବେ କାର୍ଯ୍ୟରତ ଓଡ଼ିଶା ରାଜସ୍ୱ ସେବା ଓ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନଙ୍କ କାର୍ଯ୍ୟଶୈଳୀରେ ମୂଲ୍ୟବୋଧଭିତ୍ତିକ ପରିବର୍ତ୍ତନ, ଶୃଙ୍ଖଳା ଜ୍ଞାନ ଏବଂ ସମୟାନୁବର୍ତ୍ତିତା ଇତ୍ୟାଦିକୁ ଗୁରୁତ୍ୱ ଦେଇ ସମସ୍ତ ସେବାକୁ ଆଇନର ପରିସର ଭିତରେ ତଥା ସମୟାନୁସାରେ ସେବା ପ୍ରଦାନ କରିବା ପ୍ରକ୍ରିୟା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ତହସିଲଦାର ଓ ନିବନ୍ଧନ ଅଧିକାରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ନୈତିକତା, ଇ-ଗଭର୍ନାନ୍ସ ଓ ଅନ୍ୟାନ୍ୟ ବ୍ୟବହାରିକ ଦିଗ ଉପରେ ତାଲିମ ନେଇ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଅଧିକ ସମୟ ଧରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ବଦଳି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତି ତହସିଲରେ ହେବାକୁ ଥିବା ଉପ-ନିବନ୍ଧନ କାର୍ଯ୍ୟାଳୟକୁ ତ୍ୱରିତ ବେଗରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିବନ୍ଧନ ଏବଂ ଉପ-ନିବନ୍ଧନ କାର୍ଯ୍ୟାଳୟରେ ଅର୍ଥ ବ୍ୟବସ୍ଥାର ଖାତା କିପରି ସ୍ୱୟଂଚାଳିତ ଉପାୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସ୍ୱତଃସ୍ଫୂର୍ତ୍ତ ଭାବେ ହୋଇପାରିବ, ସେ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏମ୍ସ ଭୁବନେଶ୍ୱରରେ ୭୨ ଡାକ୍ତର ପଦବୀ ଖାଲି

ଭୁବନେଶ୍ୱର,୬।୮(ଅସମାପିକା ସାହୁ)

ଭୁବନେଶ୍ୱର ଏମ୍ସରେ ୨୨ପ୍ରତିଶତ ଡାକ୍ତର ପଦବୀ ଖାଲିପଡ଼ିଛି। ଏଥିସହ ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ପଦବୀ ୩୩ ପ୍ରତିଶତ ଖାଲି ରହିଛି। ଏମ୍ସ ଭୁବନେଶ୍ୱରରେ ୩୧୫ ଡାକ୍ତର ପଦବୀ ପାଇଁ ଅନୁମୋଦନ ମିଳିଥିବାବେଳେ ଏବେ ୨୪୩ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ୭୨ଟି ଡାକ୍ତର ପଦବୀ ଖାଲିପଡ଼ିଛି। ସେହିଭଳି ସିନିୟର ନର୍ସ, ଜୁନିୟର ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ନିମନ୍ତେ ୩,୯୦୪ଟି ପଦବୀ ପାଇଁ ଅନୁମୋଦନ ମିଳିଥିବା ବେଳେ ୨,୫୯୨ଜଣ କାର୍ଯ୍ୟରତ ଅଛନ୍ତି। ଆହୁରି ୧,୩୧୨ଟି ପଦବୀ ଖାଲିପଡ଼ିଛି। ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅନୁପ୍ରିୟା ପଟେଲ ଏକ ପ୍ରଶ୍ନର ଉତ୍ତର ରଖି ଏହି ତଥ୍ୟ ଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ଦେଶରେ ଥିବା ୨୦ଟି ଏମ୍ସରେ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ସମ୍ପର୍କରେ ତଥ୍ୟ ଦେବାବେଳେ ଏମ୍ସ ଭୁବନେଶ୍ୱରର ଏହି ତଥ୍ୟ ରଖିଛନ୍ତି। ଏଥିସହିତ ଏମ୍ସ ଭୁବନେଶ୍ୱରରେ ଗତ ୩ବର୍ଷରେ ୩୭ଜଣ ଡାକ୍ତର ଚାକିରି ଛାଡ଼ିଛନ୍ତି। ଦେଶର ଅନ୍ୟ ଏମ୍ସର ତଥ୍ୟାନୁସାରେ, ଏମ୍ସ ନୂଆଦିଲ୍ଲୀରେ ସର୍ବାଧିକ ୪୧୯ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଏଠାରେ ୧,୨୩୨ ପଦବୀ ପାଇଁ ଅନୁମୋଦନ ମିଳିଥିବା ବେଳେ ୮୧୬ଜଣ ଡାକ୍ତର ରହିଛନ୍ତି। ସେହିଭଳି ଏଠାରେ ସିନିୟର ନର୍ସ, ଜୁନିୟର ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ପାଇଁ ୧୪,୩୫୫ ପଦବୀ ଥିବାବେଳେ ୧୧,୯୨୭ଜଣ କାର୍ଯ୍ୟରତ ଅଛନ୍ତି। ଏଠାରେ ଗତ ତିନିବର୍ଷରେ ୨୫ଜଣ ଡାକ୍ତର ଚାକିରି ଛାଡ଼ିଛନ୍ତି।

# ୪ ହଜାର ଶ୍ରବଣବାଧିତ ଛାତ୍ରୀଛାତ୍ରଙ୍କୁ ଦିଆଯିବ ସାଙ୍କେତିକ ଭାଷା ତାଲିମ




ଚୁକ୍ତି ସ୍ୱାକ୍ଷର ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ଅଧିକାରୀ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଚୁକ୍ତି ସ୍ୱାକ୍ଷର

ଭୁବନେଶ୍ୱର,୬।୮(ଅସମାପିକା ସାହୁ)

ଓଡ଼ିଶାରେ ସାଙ୍କେତିକ ଭାଷାର ପ୍ରସାରକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସ୍ଏସ୍ଇପିଡି) ମଙ୍ଗଳବାର ଅଲିଜବର୍ ଜଙ୍ଗ୍ ନ୍ୟାଶନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ ହିୟରିଂ ଡିଜାବିଲିଟିଜ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ଚୁକ୍ତି ଅନ୍ତର୍ଗତ ପ୍ରାୟ ୧୦୦ ଜଣ ଦକ୍ଷ ସାଙ୍କେତିକ ଭାଷା ଅନୁବାଦକଙ୍କୁ ନେଇ ଏକ କ୍ୟାଡର୍ ସୃଷ୍ଟି କରାଯିବା ସହ ରାଜ୍ୟର ୫୫ଟି ଶ୍ରବଣବାଧିତ ସ୍ୱତନ୍ତ୍ର ବିଦ୍ୟାଳୟରେ ୪ହଜାର ଛାତ୍ରୀଛାତ୍ର, ୮ଶହ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସାଙ୍କେତିକ ଭାଷା ଅନୁବାଦକଙ୍କ ଆବଶ୍ୟକତା ରହିଛି। ଶ୍ରବଣବାଧିତ ଛାତ୍ରୀଛାତ୍ରମାନେ ଅତ୍ୟାବଶ୍ୟକ ସେବା ଓ ଶିକ୍ଷାଗତ ସୁବିଧା ପାଇପାରୁନାହାନ୍ତି। ଏହି ବ୍ୟବଧାନକୁ ଦୂର କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହାଦ୍ୱାରା ସମାଜରେ ସେମାନଙ୍କ ଅଂଶୀଦାରୀ ବଢ଼ିବା ସହ ସାମଗ୍ରିକ ବିକାଶରେ ସହାୟତା ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହି କହିଥିଲେ, ଏହି କାର୍ଯ୍ୟକ୍ରମର ସମ୍ପ୍ରସାରଣ ଦ୍ୱାରା ଶ୍ରବଣ ବାଧିତମାନେ ସମାଜର ବିଭିନ୍ନ ସ୍ତରରେ ବିନା କୌଣସି ସମସ୍ୟାରେ କାର୍ଯ୍ୟ କରିପାରିବେ। ସେମାନଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି ହେବ ଏବଂ ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ସେଠୀ ମତ ପ୍ରକାଶ କରିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କାର୍ଯ୍ୟାଳୟରେ ହୋଇଥିବା ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ ଖର୍ଚ୍ଚ: ବିଜେଡି ଲୋକ ସଭା ପ୍ରାର୍ଥୀଙ୍କୁ ଦେଇଛି ୫୦, ବିଧାନସଭା ପ୍ରାର୍ଥୀଙ୍କୁ ୩୦ ଲକ୍ଷ

## କଂଗ୍ରେସ ଟଙ୍କାଟିଏ ଦେଇନି, ଭାଜପା ଖର୍ଚ୍ଚ ସାର୍ବଜନୀନ ହୋଇନି

ଭୁବନେଶ୍ୱର,୬।୮(ଅନିଲ ଦାସ)

୨୦୨୪ ନିର୍ବାଚନରେ ବିଜେଡି ପ୍ରତ୍ୟେକ ଲୋକ ସଭା ପ୍ରାର୍ଥୀଙ୍କୁ ୫୦ ଲକ୍ଷ ଟଙ୍କା ଦେଇଥିବାବେଳେ ପ୍ରତି ବିଧାନସଭା ପ୍ରାର୍ଥୀଙ୍କୁ ୩୦ ଲକ୍ଷ ଲେଖାଏ ଟଙ୍କା ଖର୍ଚ୍ଚପାଇଁ ଦେଇଛି। ୨ଟି ବିଧାନସଭା ଆସନରୁ ଲଢ଼ିଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ୬୦ ଲକ୍ଷ ଟଙ୍କା ନେଇଛନ୍ତି। ସେହି ଅନୁସାରେ ଦଳ ଗତ ନିର୍ବାଚନରେ ମୋଟ୍ ୫୪ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ବିଜେଡି ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରୁ ଏହି ସୂଚନା ମିଳିଛି। ନିର୍ବାଚନ ବେଳେ ଆରଟିଜିଏସ୍ ମାଧ୍ୟମରେ ଦଳୀୟ ପାଣ୍ଠିରୁ ପ୍ରାର୍ଥୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର ହୋଇଥିବା ଦଳ ପକ୍ଷରୁ ଦିଆଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ହେଲେ ନିର୍ବାଚନ ପ୍ରଚାର ଓ ପରିଚାଳନାରେ କେତେ ଟଙ୍କା ଦଳ ଖର୍ଚ୍ଚ କରିଛି ସେନେଇ କୌଣସି ହିସାବ ଦେଇନାହିଁ।

ଅନ୍ୟପକ୍ଷରେ କଂଗ୍ରେସ ଓଡ଼ିଶାରେ କୌଣସି ପ୍ରାର୍ଥୀଙ୍କୁ ଟଙ୍କାଟିଏ ବି ଦେଇ ନାହିଁ। ଦଳର କୋଷାଧ୍ୟକ୍ଷ ଆଜୟ ମାକେନ୍ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡ଼ିଛି। ଦଳ ରାଜ୍ୟରେ ୧୪୫ ବିଧାନସଭା ଓ ୨୦ ଲୋକ ସଭା ସିଟ୍‌ରେ ପ୍ରାର୍ଥୀ ଦେଇଥିଲେ ବି କାହାରିକୁ ଟଙ୍କାଟିଏ ଦେଇନାହିଁ। ରାଜ୍ୟ ନିର୍ବାଚନରେ ଭାଗ ନେଇଥିବା ଅନ୍ୟ ରାଜନୈତିକ ଦଳ ମଧ୍ୟରେ ଆପ୍, ବିଏସ୍ପି, ସିପିଆଇ (ଏମ୍ଏଲ୍) ମଧ୍ୟ ଟଙ୍କାଟିଏ ବି ଖର୍ଚ୍ଚ କରି ନ ଥିବା ବେଳେ ସମାଜବାଦୀ ପାର୍ଟି ୨୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁସାରେ ଜଣେ ବିଧାୟକ ପ୍ରାର୍ଥୀ ସର୍ବାଧିକ ୪୦ ଲକ୍ଷ ଏବଂ ଏମ୍ପି ପ୍ରାର୍ଥୀ ୯୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଅନ୍ୟପଟେ ଭାଜପା ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ଏଯାଏ ସାର୍ବଜନୀନ ହୋଇ ନ ଥିବାରୁ ଦଳ ପ୍ରାର୍ଥୀମାନଙ୍କୁ କେତେ ଟଙ୍କା ଦେଇଛି ତାହା ଜଣାପଡ଼ି ନାହିଁ।



**ଆସୁଛି ଖୁଦୁରୁକୁଣୀ ପୂଜା:** କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମା ଗଢୁଛନ୍ତି।

# ବିଷପିଇ ଘରୋଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

## ଅସହ୍ୟ ହେଲା କଲେଜ କର୍ତ୍ତୃପକ୍ଷଙ୍କ ନିର୍ଯାତନା

ଧର୍ମଶାଳା,୬।୮(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଏକ ଘରୋଇ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିବା ଜଣେ ଛାତ୍ର କଲେଜ କର୍ତ୍ତୃପକ୍ଷଙ୍କ ନିର୍ଯାତନା ସହ୍ୟ କରି ନ ପାରି ଘରେ ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଛାତ୍ର କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇ ଗୋଡ଼ା ଗ୍ରାମର ବାଙ୍କବିହାରୀ ପଣ୍ଡାଙ୍କ ପୁଅ ଆଶିଷ କୁମାର ପଣ୍ଡା (୧୭)। କଲେଜ ହଷ୍ଟେଲରେ ରହି ପଢୁଥିବା ଆଶିଷଙ୍କୁ କଲେଜ କର୍ତ୍ତୃପକ୍ଷ ନିର୍ଯାତନା ଦେଇଥିଲେ। ତେଣୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଆଶିଷ ହଷ୍ଟେଲରେ ଥିବାବେଳେ ଗତ ୪ରେ ସେଠାରେ ଅନ୍ୟ ଜଣେ ଛାତ୍ରଙ୍କ ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ତାଙ୍କୁ ସମସ୍ତଙ୍କ ସମ୍ମୁଖରେ ଆଣ୍ଠେଇ ମୋବାଇଲ ରିକଭରି କରିବା ସହ ତାଙ୍କ ଅଭିଭାବକଙ୍କୁ ଡାକି ଜିମା ଦେଇଥିଲେ। ଆଶିଷ ବାପାଙ୍କ ସହ ଘରକୁ ଯାଇଥିବାବେଳେ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ଫଳରେ ନିନ୍ଦା ଓ ଅପବାଦକୁ ସହ୍ୟ କରି ନ ପାରି ସୋମବାର ରାତିରେ ବିଷପିଇ ଆତ୍ମହତ୍ୟା କରିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ନିର୍ଯାତନା ଯୋଗୁ ସେ ଏଭଳି ପଦକ୍ଷେପ ନେଇଥିବାରୁ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଶିଷଙ୍କ ବାପା ଦାବି କରିଛନ୍ତି।

# ଡାକ୍ତର-ବିଧାୟକ ବିବାଦ ତେଜିଲା

## ବିଧାୟକ ପଦ୍ମଲୋଚନ, ଓମ୍ସା ପକ୍ଷରୁ ଖବରଦାତା ସମ୍ମିଳନୀ

ବାଲେଶର,୬।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥାକୁ ନେଇ ଡାକ୍ତର ଓ ସ୍ଥାନୀୟ ବିଧାୟକଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଓମ୍ସା ଓ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପକ୍ଷରୁ ମଙ୍ଗଳବାର ବାଲେଶ୍ୱରରେ ପୃଥକ ଭାବେ ଖବରଦାତା ସମ୍ମିଳନୀ କରାଯାଇ ସ୍ପଷ୍ଟୀକରଣ ଦିଆଯାଇଛି।

ଓମ୍ସା ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଜିଲା ଶାଖା ସଭାପତି ଡା. ସରୋଜ ରାଜ କହିଥିଲେ, ଗତ ୩ ତାରିଖରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ସନ୍ତୋଷ କୁମାର ସାହୁ ରୋଗୀଙ୍କୁ ଚିକିତ୍ସା କରୁଥିବାବେଳେ ବିଧାୟକଙ୍କ ଦଳୀୟ ସମର୍ଥକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତାଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇବା ସହ ଧମକପୂର୍ଣ୍ଣ କଥା କହି ଚେତାବନୀ ଦେଇଥିଲେ। ଡା. ସାହୁ କାହିଁକି ବିଧାୟକଙ୍କୁ ଘରେ ଆସି ସାକ୍ଷାତ୍ କରିନାହାନ୍ତି ବୋଲି ପଚାରିବା ସହ ଘରୋଇ ନର୍ସିଂହୋମ ଆରୋଗ୍ୟମରେ ଅର୍ଥ ବିନିମୟରେ ଅପରେଶନ କରୁଛନ୍ତି ବୋଲି ପ୍ରଶ୍ନ କରି ଅପମାନିତ କରିଥିଲେ। ବିଏସ୍‌କେୱାଇରେ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରେଶନ ପାଇଁ ଅନୁମତି ଦେଇଥିବା ବେଳେ ଡାକ୍ତରଙ୍କ ଡ୍ୟୁଟି ସମୟ ପରେ ଘରୋଇ ପ୍ରାକ୍ଟିସ ପାଇଁ ଅନୁମତି ଦେଇଛନ୍ତି। ଓମ୍ସା ଜିଲା ଶାଖା ଡାକ୍ତର ସାହୁଙ୍କୁ ସମର୍ଥନ କରିବା ସହ ବିଧାୟକଙ୍କ ଏଭଳି ଆଚରଣକୁ ତୀବ୍ର ନିନ୍ଦା କରୁଛି। ଏ ସମ୍ପର୍କରେ ଓମ୍ସା ରାଜ୍ୟ କମିଟିକୁ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ଡା. ରାଜ କହିଛନ୍ତି। ଡାକ୍ତର ସାହୁ କହିଥିଲେ ଯେ, ବିଧାୟକ ତାଙ୍କୁ ସର୍ବସାଧାରଣରେ ଅପମାନିତ କରିବାକୁ ଉଦ୍ୟମ କରିଥିଲେ। ତାଙ୍କର ମାନସିକ ବିକୃତି ଘଟିଛି, ଏହି ଘଟଣା ପରେ ସେ ଆଉ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ଇଚ୍ଛା କରୁନାହାନ୍ତି କହି ଡାକ୍ତର ସାହୁ କାନ୍ଦି ପକାଇଥିଲେ। ସିମୁଳିଆ ବିଧାୟକ ପଣ୍ଡା ଖବରଦାତା ସମ୍ମିଳନୀରେ କହିଥିଲେ, ଡା. ସାହୁ ମନଗଢା କାହାଣୀ କହି ଓମ୍ସା ଏବଂ ଗଣମାଧ୍ୟମକୁ ବିଭ୍ରାନ୍ତ କରିଛନ୍ତି। ସେ ଗତ ୩ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଗରିବ, ହରିଜନ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରେଶନ ନ କରି ଡାକ୍ତର ସେମାନଙ୍କୁ ଅପରାହ୍ନରେ ଆରୋଗ୍ୟମ ଘରୋଇ ନର୍ସିଂହୋମକୁ ନେଇ ଅପରେଶନ କାହିଁକି କରାଉଛନ୍ତି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ମୋଦିଜୀଙ୍କ ଜନ୍ମଦିନରେ ସେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୬ଟି ମୂଲ୍ୟବାନ ବିଛଣା ଚାଦର ଦେଇଥିଲେ। ତାର ହିସାବ ମାଗିବାରୁ ଡାକ୍ତର କିଛି ଜବାବ ଦେଇ ନ ଥିଲେ।

